# ରଥଯାତ୍ରା ପୂର୍ବରୁ ଜଗନ୍ନାଥ ଏକ୍ସପ୍ରେସ୍

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଭାରତୀୟ ରେଳ ଜଗନ୍ନାଥ ଏକ୍ସପ୍ରେସ୍ ନାମରେ ଏକ ନୂଆ ଟ୍ରେନ୍ ଆରମ୍ଭ କରିବ। ଭାରତ ଗୌରବ ରେଳ ପ୍ରକଳ୍ପ ଅଧୀନରେ ଆସନ୍ତା ରଥଯାତ୍ରା ପୂର୍ବରୁ ଏହି ଟ୍ରେନ୍ ଚଳାଚଳ କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଓଡ଼ିଶା ଗସ୍ତରେ ଥିବା ମନ୍ତ୍ରୀ ବୈଷ୍ଣବ ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଐତିହାସିକ ସ୍ଥଳଗୁଡ଼ିକର ମହତ୍ତ୍ୱକୁ ରେଳପଥ ଜରିଆରେ ପ୍ରତିପାଦିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ରହିଛି। ଥିମ୍‌ଭିତ୍ତିକ ଟ୍ୟୁରିଷ୍ଟ ସର୍କିଟ୍ ଟ୍ରେନ୍ 'ଭାରତ ଗୌରବ' ଅଧୀନରେ ପ୍ରଥମେ ରାମାୟଣ ଏକ୍ସପ୍ରେସ୍‌ର ଲୋକାର୍ପଣ କରାଯାଇଥିଲା। ଏବେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଜଗନ୍ନାଥ ଏକ୍ସପ୍ରେସ୍ ଚଳାଚଳ ପାଇଁ ଉଦ୍ୟମ ଜାରି ରହିଛି। ଏହି ଟ୍ରେନ୍‌ର ଡିଜାଇନ୍ ଏବଂ ଜଗନ୍ନାଥ ସର୍କିଟ୍ ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ଏହି ସେବା ଆରମ୍ଭ ହେବ। ସେହିପରି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟ ଓଡ଼ିଶାରେ ଖୁବ୍‌ଶୀଘ୍ର ଚଳାଚଳ କରିବ ବୋଲି ବୈଷ୍ଣବ କହିଛନ୍ତି। ରାଜ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ଉପରେ ପ୍ରଶ୍ନ କରାଯିବାରୁ ମନ୍ତ୍ରୀ କହିଥିଲେ, ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କଠାରୁ ସମ୍ପୂର୍ଣ୍ଣ ପ୍ରସ୍ତାବ ମିଳିବା ପରେ ଯାହା କିଛି କରାଯିବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରୁ ଏଭଳି ପ୍ରସ୍ତାବ ମିଳିନାହିଁ। ସେ ଆହୁରି କହିଥିଲେ, ରେଳ ଚଳାଚଳ କ୍ଷେତ୍ରରେ ଓଡ଼ିଶାରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ୨୮ଟି ଷ୍ଟେଶନର ଆଧୁନିକୀକରଣ ପାଇଁ ଟେଣ୍ଡର ହୋଇସାରିଛି। ସେହିପରି ୫୫,୯୪୧ କୋଟି ଟଙ୍କାର ରେଳ ପ୍ରକଳ୍ପ ରାଜ୍ୟ ପାଇଁ ମଞ୍ଜୁର କରାଯାଇଛି। ସେଥିରୁ ପ୍ରାୟ ୪,୦୦୦ କୋଟି ଟଙ୍କା ଗତ ୭/୮ ମାସ ମଧ୍ୟରେ ମଞ୍ଜୁର କରାଯାଇଥିବା ରେଳମନ୍ତ୍ରୀ କହିଛନ୍ତି। ୨୦୧୪ ପୂର୍ବରୁ ଉପା ସରକାର ଅମଳରେ ଓଡ଼ିଶାକୁ ରେଲୱେ ସେକ୍ଟରରେ ବର୍ଷକୁ ହାରାହାରି ୮୩୮ କୋଟି ଟଙ୍କା ମିଳୁଥିଲା। ମୋଦି ସରକାର କ୍ଷମତାକୁ ଆସିବା ପରେ ଏହାକୁ ଦୁଇଗୁଣା କରିଦେଲେ, ଯାହା କି ଏବେ ୪ ଗୁଣା ହୋଇଯାଇଛି। ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାକୁ ରେଳପଥର ବିକାଶ ପାଇଁ ୯,୭୩୪ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# ଖଣ୍ଡାରେ କେକ୍ କାଟି ଜନ୍ମଦିନ ପାଳିଲେ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

### ପୋଲିସକୁ ଖୋଲା ଚ୍ୟାଲେଞ୍ଜ



ରାଜଧାନୀରେ ପୁଣି ଗୋଷ୍ଠୀ ବିବାଦ ମୁଣ୍ଡ ଟେକିବାକୁ ଲାଗିଲାଣି। ନିଜର ଦବ୍‌ଦବା ଏବଂ ସ୍ଥିତି ଜାହିର କରିବା ଲାଗି ଏକାଠି ହେଉଛନ୍ତି ଯୁବକ। ପୋଲିସକୁ ଖାତିର ନ କରି ଖୋଦ ରାଜଧାନୀରେ ଯୁବଗୋଷ୍ଠୀ ଖଣ୍ଡାରେ କେକ୍‌କାଟି ଜନ୍ମଦିନ ପାଳିଛନ୍ତି। ଏଭଳି ଘଟଣା ନୟାପଲ୍ଲୀ ଥାନାଠାରୁ ମାତ୍ର ୫୦୦ମିଟର ଦୂରରେ ଘଟିଥିବାବେଳେ ପୋଲିସ ଏହାର କୌଣସି ଟେର ପାଇପାରି ନାହିଁ। ଜନ୍ମଦିନ ପାଳନର ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ସାମ୍ନାକୁ ଆସିଛି।

ମିଳିଥିବା ସୂଚନାନୁସାରେ ଗତ ୨୪ ତାରିଖ ରାତିରେ ସ୍ଥାନୀୟ ବନ୍ଧ ବସ୍ତିର କେତେଜଣ ଯୁବକ ଚର୍ଚ୍ଚ ନିକଟ ଛକ ପାଖରେ ଗାଡ଼ି ଉପରେ କେକ୍‌କୁ ଖଣ୍ଡାରେ କାଟି ଜନ୍ମଦିନ ସେଲିବ୍ରେଶନ କରି ହୋହାଲ୍ଲା କରିଥିଲେ। ତେବେ ଏହାକୁ ବେହେରା ବସ୍ତିର କେତେଜଣ ପିଲା ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ପୋଲିସ କିଛି ଜାଣି ପାରି ନ ଥିଲା। ପରେ ଉଭୟ ଗୋଷ୍ଠୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖବର ପାଇଥିଲା। ଉଭୟ ଗୋଷ୍ଠୀର ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

LIC
ଜୀ. ଭୀ. ନି. ସ୍ୱର୍ଣ୍ଣଜୟନ୍ତି ଫାଉଣ୍ଡେଶନ
LIC GOLDEN JUBILEE FOUNDATION
ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2022
ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ଶିକ୍ଷଣ ବର୍ଷ 2021-22 ରେ ଦଶମ/ଦ୍ୱାଦଶ/ଡିପ୍ଲୋମା କିମ୍ବା ତତ୍‌ସମାନକୁ ଅନ୍ୟୂନ 60% ବା ତତ୍‌ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଲାଗି ସହର୍ଷେ ଘୋଷଣା କରୁଛି ସର୍ବ ଭାରତୀୟ ସ୍ତରରେ ସ୍କଲାର୍‌ଶିପ୍।

- 20 ରେଗୁଲାର୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ସେଣ୍ଟର ସକାଶେ: (ପୁଅ ଓ ଝିଅଙ୍କ ଲାଗି ପ୍ରତ୍ୟେକ 10ଟି) ଉଚ୍ଚ ଶିକ୍ଷା କରିବା ସକାଶେ, ଏସବୁ ବିଷୟରେ:
  (i) ମେଡିସିନ, ଇଞ୍ଜିନିଅରିଙ୍ଗ, ଯେକୌଣସି ପାଠ୍ୟକ୍ରମରେ ଗ୍ରାଜୁଏଶନ୍, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ଏବଂ ଇଣ୍ଟିଗ୍ରେଟେଡ୍ କୋର୍ସେସ୍
  (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- 10 ସ୍ପେଶାଲ୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ସେଣ୍ଟର'ର ଝିଅଙ୍କ ସକାଶେ: 10 + 2 ପ୍ୟାଟର୍ନ ଅନ୍ତର୍ଗତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରିବା ସକାଶେ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ
www.licindia.in
ଅନ୍‌ଲାଇନ୍ ଆବେଦନ ପଇଠ କରିବାର ଅନ୍ତିମ ଦିନାଙ୍କ 18.12.2022।

# ଓଡ଼ିଶାର ୫ ଉତ୍ପାଦକୁ ମିଳିପାରେ ଜିଆଇ ଟ୍ୟାଗ୍

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଓଡ଼ିଶାର ୫ସାମଗ୍ରୀକୁ ମିଳିପାରେ ଜିଆଇ ଟ୍ୟାଗ୍। ଏ ନେଇ ଡିସେମ୍ବର ୬ରେ ଚେନ୍ନାଇର ଜିଓଗ୍ରାଫିକାଲ୍ ଇଣ୍ଡିକେଶନ୍ସ (ଜିଆଇ) ରେଜିଷ୍ଟ୍ରିର ଏକ ବିଶେଷଜ୍ଞ ଟିମ୍ ଭୁବନେଶ୍ୱରରେ ଏହି ୫ ସାମଗ୍ରୀର ସତ୍ୟତା ଯାଞ୍ଚ କରିବେ। ମୟୂରଭଞ୍ଜର କାଇ ଚଟଣି, ଢେଙ୍କାନାଳର ମଗଜି, କେନ୍ଦ୍ରାପଡ଼ାର ରସାବଳି, ହସ୍ତଶିଳ୍ପ ବିଭାଗରେ କଟକର ରୁପା ତାରକସି ଏବଂ କୃଷିଭିତ୍ତିକ ଉତ୍ପାଦରେ ଗଜପତିର ଖଜରା ଗୁଡ଼ (ଖଜୁରି,ତାଳ ଓ ଗୁଡ଼ର ମିଶ୍ରଣ)କୁ ଜିଆଇ ଟ୍ୟାଗ ମିଳିପାରେ। କାଇ ଚଟଣି ମୟୂରଭଞ୍ଜ ଜିଲାର ଏକ ପ୍ରସିଦ୍ଧ ଖାଦ୍ୟ। ଡିସେମ୍ବର ୨୦୨୦ରେ ଓଡିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ଖାଦ୍ୟ ସାମଗ୍ରୀ ବର୍ଗରେ କାଇ ଚଟଣି ଏବଂ ମଗଜି ପାଇଁ ଜିଆଇ ରେଜିଷ୍ଟ୍ରିରେ ଆବେଦନ କରିଥିଲା। ମଗଜି ହେଉଛି ଏକ କ୍ଷୀର ଉତ୍ପାଦ, ଯାହାକି କ୍ଷୀର ଚିନି ଏବଂ ଏରସ ପାଉଡରର ମିଶ୍ରଣରେ ଏକ ନିଆରା ଖାଦ୍ୟ। ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ସ୍ଥାନୀୟ ଲୋକମାନେ ଏହାକୁ ପ୍ରସ୍ତୁତ କରୁଛନ୍ତି। ଗଁନ୍ଦିଆ ବ୍ଲକର ମନ୍ଦାର କିମ୍ବା ସଡ଼ଙ୍ଗୀ ଗ୍ରାମ ଏହାର ଉତ୍ପତ୍ତି କେନ୍ଦ୍ର ବୋଲି କୁହାଯାଏ। କଟକର ରୁପା ତାରକସି କାମ ପାଇଁ ୨୦୨୧ରେ ଓଡିଶା ରାଜ୍ୟ ସମବାୟ ହସ୍ତତନ୍ତ କର୍ପୋରେଶନ୍ ଲିମିଟେଡ୍ ଦ୍ୱାରା ଜିଆଇ ଟ୍ୟାଗ୍ ପାଇଁ ଦାଖଲ କରାଯାଇଥିଲା। ରସାବଳୀ ପାଇଁ ମଧ୍ୟ ଗତବର୍ଷ କେନ୍ଦ୍ରାପଡା ରସାବଳି ମିଷ୍ଟାନ୍ନ ନିର୍ମାତା ସଂଗଠନ ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ଏବଂ ନିଯୁକ୍ତି ଦ୍ୱାରା ଦାଖଲ କରାଯାଇଥିବା ବେଳେ ଓଡିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ପକ୍ଷରୁ ୨୦୨୦ରେ ଖଜରା ଗୁଡ଼ ପାଇଁ ମାନ୍ୟତା ଦାବି କରାଯାଇଥିଲା। ଏହି ୫ଟି ଉତ୍ପାଦର ପ୍ରାଥମିକ ପରୀକ୍ଷଣ ସରିଯାଇଛି। ଆସନ୍ତା ୬ ତାରିଖରେ ଏ ନେଇ ନିଷ୍ପତ୍ତି ହେବ।















ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ନଭେମ୍ବର, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଇଟିକିଲି ମିଟିକିଲି ପକ୍ଷରୁ ବାଃ ବାଃ ବାକ୍ଷଠି କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ୮୦ତମ ପ୍ରତିଷ୍ଠା ଦିବସ ସମାରୋହ, ଏମ୍‌କେସିଜି ଅଡିଟୋରିୟମ୍, ବାଣୀବିହାର, ପୂର୍ବାହ୍ନ ୧୧ଟା ୩୦।
- ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ୩ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ, ବିଧାନସଭା ସମ୍ମୁଖ, ମଧାହ୍ନ ୧୨ଟା ୩୦।
- ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୩ଟା।
- ଏଥିକ୍ ଆଇଏଏସ୍ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ପ୍ଲଟ ନଂ. ୧୨୩, ଏନ୍‌୫, ଆଇଆର୍‌ସି ଭିଲେଜ୍, ଅପରାହ୍ନ ୩ଟା।
- ପୁସ୍ତକ 'ଭାରତବର୍ଷର ଗୌରବମୟ ଲୋକକଳା ଚିତା ଓ ମୁରୁଜ' ଉନ୍ମୋଚନ ସମାରୋହ, ଗୀତ ଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ସ୍ୱତନ୍ତ୍ର ହସ୍ତଶିଳ୍ପ ମେଳା, ଏକାମ୍ର ହାଟ, ଅପରାହ୍ନ ୫ଟା।
- ଶ୍ୱେତ ସଂକେତ ମାସିକ ସାହିତ୍ୟ ଆସରର ସାହିତ୍ୟିକ ଗଗନେନ୍ଦ୍ର ଦାଶ ସ୍ମୃତି ସନ୍ଧ୍ୟା, ରାଜଧାନୀ କଳା ସଂସଦ, ଅପରାହ୍ନ ୫ଟା ୩୦।
- ନରସିଂହ ନନ୍ଦଙ୍କ ଏକାଦଶ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତିସଭା ଓ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର, ୟୁନିଟ୍‌-୯, ସନ୍ଧ୍ୟା ୬ଟା।

କଟକ

- ଗ୍ଲୋବାଲ ଇଣ୍ଡିଆନ ମଡେଲ୍ ସ୍କୁଲ ପକ୍ଷରୁ ବିଜ୍ଞାନ, କଳା, ସଂସ୍କୃତି ପ୍ରଦର୍ଶନୀ, ସ୍କୁଲ ପରିସର, ବିଦ୍ୟାଧରପୁର, ପୂର୍ବାହ୍ନ ୯ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମାରକୀ ବକ୍ତୃତା, ସାରଳା ଭବନ, ପୂର୍ବାହ୍ନ ୧୦ଟା ୩୦।
- ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ସାଧାରଣ ସଭା, ପୀରବାବା ପଡ଼ିଆ, କାଠଯୋଡି ରିଂ ରୋଡ୍, ପୂର୍ବାହ୍ନ ୧୧ଟା।
- ସାହିତ୍ୟ ପତ୍ରିକା ସ୍ମୃତିଲିପିର ସପ୍ତବିଂଶତିତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୩ଟା।
- ପୁଣ୍ୟଭୂମି ପକ୍ଷରୁ ସାରସ୍ୱତ ଉତ୍ସବ ଓ କବିତା ପାଠ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୩ଟା।
- ୨୬ତମ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପନ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

# ପିଲାଙ୍କୁ ଭିନ୍ନ ଶିକ୍ଷା ନ ଦେବା ଭବିଷ୍ୟତ ପାଇଁ ଅପରାଧ

## ଗୁଞ୍ଜନର ୨ୟ ସନ୍ଧ୍ୟା

### ଜମିଲା ଶାସ୍ତ୍ରୀୟ ସଙ୍ଗୀତ ଆସର

କଟକ ଅଫିସ,୨୬।୧୧

କଳାପ୍ରେମୀମାନେ ହିଁ ସେମାନଙ୍କ ପିଲାଙ୍କୁ କିଛି ନୂଆ ଶିଖାଇବାକୁ ଚାହାନ୍ତି। ଆମ ଶିକ୍ଷା ବ୍ୟବସ୍ଥା ଯେଭଳି ରହିଛି ତାହା ସହ ପିଲାଙ୍କୁ ତାଙ୍କ ଜୀବନରେ ଭିନ୍ନ ସ୍ୱାଦ ନ ଦେବା ତାହା ଭବିଷ୍ୟତର ସମାଜ ପାଇଁ ଏକ ବଡ଼ ଅପରାଧ ହେବ। ଯେଉଁ ମାତାପିତା ନିଜ ପିଲାଙ୍କୁ କଳା ସମ୍ପର୍କରେ ଜାଣିବାକୁ ସୁଯୋଗ ଦେଉଛନ୍ତି, ଜଗନ୍ନାଥ ତାଙ୍କୁ ଆଶୀର୍ବାଦ କରିବେ ବୋଲି ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଶନିବାର ୨ୟ ସନ୍ଧ୍ୟାରେ ଯୋଗଦେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଶହୀଦ ଭବନରେ ଆୟୋଜିତ ଉତ୍ସବରେ ସତପଥୀ ଅତିଥିଭାବେ ଯୋଗଦେଇ କହିଥିଲେ, ଆଜି ଆମେ ଯାହା କରୁଛୁ ତାହାର ପ୍ରଭାବ ୫୦ କିମ୍ବା ୧୦୦ ବର୍ଷ ପରେ ପଡ଼ିବ। ସର୍ବଦା ଆମେ ଇତିହାସକୁ ଦୋଷ ଦେଇଥାଉ। ହେଲେ ଇତିହାସ ବାବର, ଲାଲ୍‌କିଲା କିମ୍ବା ଅନ୍ୟ କୌଣସିରେ ସୀମିତ ନୁହେଁ। ଆଜି ଆମେ ଯାହା କରୁଛୁ ଆମର ପ୍ରତ୍ୟେକଟି କାର୍ଯ୍ୟରେ ଇତିହାସ ରଚୁଛେ। ୫ଶହ ବର୍ଷ ପରେ ଯେତେବେଳେ ଯୁବପିଢି ଆମକୁ ବୁଲି ଚାହିଁବେ କି ଆମେ କ'ଣ କରିଥିଲୁ, ସେତେବେଳେ ସେମାନେ ଆମ ମାନଙ୍କୁ ପରଖିବେ। ଉକ୍ତ କଥାକୁ ମନରେ ରଖି ଚାଲିବା ସହ ଏକଜୁଟ ଏବଂ ଏକାଠି ହେବା। ଭାରତବର୍ଷରେ ନୂଆ ଢଙ୍ଗର ସମାଜ ଗଠନ କରିବା ଏବଂ ସେ ଦିଗରେ ପିଲାଙ୍କୁ କିଛି ନୂଆ ଶିଖାଇବା ବୋଲି ତଥାଗତ କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ ଯୋଗଦେଇ ଓଡ଼ିଶୀନୃତ୍ୟ ଓ ସଙ୍ଗୀତର ଭଲ ଦିନ ଆସୁଛି। ଓଡ଼ିଶାର ଯେଉଁ କଳା ରହିଛି ତାହାର ସ୍ୱାଦ ସମସ୍ତେ ଚାଖିବା ଆବଶ୍ୟକ। ପାଶ୍ଚାତ୍ୟ ସଂସ୍କୃତିରୁ ଅଧିକ ପ୍ରଭାବିତ ନ ହୋଇ ନିଜ କଳା ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ଗୁରୁ ମୀରା ଦାସ ଦେଇଥିବାବେଳେ ମୃତ୍ୟୁଞ୍ଜୟ ନାଥ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଗାୟତ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସନ୍ଧ୍ୟାର ବିଶେଷ ଆକର୍ଷଣ ଭାବରେ ମୁମ୍ବାଇରୁ ଆସିଥିବା ପ୍ରସିଦ୍ଧ ବାଦକ ଜୟନ୍ତ ପଟ୍ଟନାୟକ ଶାସ୍ତ୍ରୀୟ ସଙ୍ଗୀତ ବ୍ୟାଣ୍ଡ ଆସର ଜମାଇଥିଲେ। ଏହାପରେ ଗୁଞ୍ଜନ ପକ୍ଷରୁ ସ୍ୱପ୍ନା ଦତ୍ତ ଶ୍ରୀ ଗଣେଶ ଏକକ ନୃତ୍ୟ ପରିବେଷଣ କରିଥିଲେ। ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱୀକୃତି ଦାସ ନୃତ୍ୟ କରିବା ପରେ କଲିକତାର ଗୁରୁ ଆଲୋକା କାନୁନ୍‌ଗୋ ଏବଂ ତାଙ୍କ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ ଓ ଅନ୍ୟମାନେ।



ପ୍ରସିଦ୍ଧ ବାଦକ ଜୟନ୍ତ ପଟ୍ଟନାୟକ ଏକସଙ୍ଗେ ଏକାଧିକ ବାଦ୍ୟଧ୍ୱନି ପରିବେଷଣ କରୁଛନ୍ତି।

# ଜାଲ୍ ଫାର୍ମାସି ସାର୍ଟିଫିକେଟରେ ଲାଇସେନ୍ସ ଆବେଦନ

## ଯାଞ୍ଚବେଳେ ଧରାପଡ଼ିଲା, ବଲାଙ୍ଗୀରର ଯୁବକ ଗିରଫ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)




ଜାଲ୍ ଫାର୍ମାସି ସାର୍ଟିଫିକେଟରେ ମେଡିସିନ ଷ୍ଟୋର୍ ଲାଇସେନ୍ସ ଆବେଦନ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଅଫିସ୍‌ରେ ଯାଞ୍ଚବେଳେ ଏହା ଧରା ପଡ଼ିବା ପରେ ଶହୀଦନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ସିନ୍ଧିକେଲାର ଅରୁଣଲାଲ୍ ଜୈନ। ତାଙ୍କଠାରୁ ଜାଲ୍ ଡିପ୍ଲୋମା ଫାର୍ମାସି ସାର୍ଟିଫିକେଟ, ପରିଚୟପତ୍ର ଆଦି ଜବତ କରାଯାଇଛି। ସେ ଅନ୍ୟଜଣଙ୍କ ପାଇଁ ଆବେଦନ କରୁଥିବାରୁ ଏ କ୍ଷେତ୍ରରେ ଦଲାଲି କରୁଥିବା ସନ୍ଦେହ ଉପୁଜିଛି। ଏଥିସହ ରାଜ୍ୟରେ ଜାଲ୍ ଫାର୍ମାସି ସାର୍ଟିଫିକେଟ ର୍‍ୟାକେଟ ସକ୍ରିୟ ଥିବା ଆଶଙ୍କା କରାଯାଉଛି। ସେ କିଭଳି ସାର୍ଟିଫିକେଟ ହାତେଇଥିଲେ, କାହା ପାଇଁ ଆବେଦନ କରୁଥିଲେ, ପୂର୍ବରୁ ଏଭଳି ଜାଲ୍ ସାର୍ଟିଫିକେଟରେ କେତେ ଲାଇସେନ୍ସ ନେଇଛନ୍ତି ଓ ଏହା ପଛରେ କାର୍ଯ୍ୟ କରୁଥିବା ର୍‍ୟାକେଟକୁ ଧରିବାକୁ ପୋଲିସ ଏବଂ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଅଧିକ ଖୋଳତାଡ଼ ଚାଲିଛି।

ସୂଚନା ଅନୁଯାୟୀ, ବିଭିନ୍ନ ନାମୀଦାମୀ ରିଟେଲ ଫାର୍ମା କମ୍ପାନୀ ଷ୍ଟୋର୍‌ରେ କାର୍ଯ୍ୟ କରିବା ପାଇଁ ଫାର୍ମାସି ସାର୍ଟିଫିକେଟ ଆବଶ୍ୟକ ପଡୁଛି। ସେହିଭଳି ଫାର୍ମା ଷ୍ଟୋର୍ ବା ମେଡିସିନ ଷ୍ଟୋର୍ ଖୋଲିବା ଲାଗି ଆବେଦନ କରିବାକୁ ହେଲେ ଅତି କମ୍‌ରେ ଡିପ୍ଲୋମା ଇନ୍ ଫାର୍ମାସି ସାର୍ଟିଫିକେଟ ଦରକାର ପଡୁଛି। ଅନେକ ଫାର୍ମା କମ୍ପାନୀ ଓ ବ୍ୟବସାୟୀ ଉକ୍ତ ସାର୍ଟିଫିକେଟକୁ ଭଡ଼ା କିମ୍ବା ଲକ୍ଷଲକ୍ଷ ଟଙ୍କାରେ କିଣିଆଣି ଷ୍ଟୋର୍ ଖୋଲୁଛନ୍ତି। ଏବେ ଜାଲ ସାର୍ଟିଫିକେଟ ଧରାପଡିବା ଘଟଣାକୁ ଡ୍ରଗ୍ସ କଣ୍ଟ୍ରୋଲର ଗୁରୁତ୍ୱର ସହ ନେଇଛନ୍ତି। ସେଥିରେ ଉଲ୍ଲେଖ ଥିବା କଲେଜର ସ୍ଥିତି ଓ ଅନ୍ୟ ତଥ୍ୟର ଯାଞ୍ଚ କରୁଥିବା ଜଣାପଡିଛି।

## ବେଳାଭୂମିରୁ ଯୁବତୀଙ୍କ ମୃତଦେହ ଜବତ

**ପୁରୀ ଅଫିସ,୨୬।୧୧:** ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରୋଡ୍‌ସ୍ଥିତ ବାଲିଗୁଆଳି ବେଳାଭୂମିରୁ ଶନିବାର ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ପେଣ୍ଠକଟା ମେରାଇନ୍ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣକ ମୁହଁ ମାଡି ବେଳାଭୂମି କୂଳରେ ପଡିଥିବା ଦେଖିବାକୁ ମିଳିଥିଲା। ସେ ସମୁଦ୍ରରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଛି ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ବେଳାଭୂମିରେ ଶନିବାର ସକାଳେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟଲୋକ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବତୀଙ୍କ ବୟସ ପାଖାପାଖି ୨୦ବର୍ଷ ବୋଲି ଅନୁମାନ କରାଯାଉଛି। ପରିଚୟ ମିଳି ନ ଥିବାରୁ ୯୬ଘଣ୍ଟା ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ କରି ରଖାଯିବ। ଅନ୍ୟପଟେ ମଧ୍ୟପ୍ରଦେଶର ରାଧିକା କୁଶୱା ନାମକ ଯୁବତୀ ପୁରୀ ଆସି ଚକ୍ରତୀର୍ଥ ରୋଡ୍‌ରୁ ଗତ ୨୧ ତାରିଖରୁ ନିଖୋଜ ଥିବାବେଳେ ମୃତଦେହ ତାଙ୍କର ବୋଲି ପୋଲିସ ସନ୍ଦେହ କରୁଛି। ତେଣୁ ସମୁଦ୍ରକୂଳ ଥାନା ପୋଲିସ ରାଧିକାଙ୍କ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ଏହାସହ ରାଜ୍ୟ ଓ ଦେଶର ବିଭିନ୍ନ ଥାନାକୁ ମୃତଦେହର ଫଟୋ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ନବ ଓଡ଼ିଶା ଗଠନରେ ବୀରେନ୍ ମିତ୍ରଙ୍କ କାର୍ଯ୍ୟ ଉଲ୍ଲେଖଯୋଗ୍ୟ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜଣେ ଲୋକପ୍ରିୟ ଜନପ୍ରତିନିଧି ଏବଂ ନିଃସ୍ୱାର୍ଥପର ସମାଜସେବୀ ଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ମିତ୍ର ନବ ଓଡ଼ିଶାର ସ୍ୱପ୍ନ ଚରିତାର୍ଥ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଜଣେ ହୃଦୟବାନ ତଥା ନିରହଂକାରୀ ମଣିଷ ଭାବେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ରହିବେ ବୋଲି ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ଶନିବାର ସୂଚନା ଭବନଠାରେ ଜନଗଣ ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଫାଉଣ୍ଡେଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଲେ, ଜଣେ ଦକ୍ଷ ଛାତ୍ରସଂଗଠକ ଭାବେ ବିଚକ୍ଷଣ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିବା ମିତ୍ର ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତିକୁ ଏକ ନୂଆ ଦିଶା ପ୍ରଦାନ କରିଥିଲେ। କଟକ ଆସନରୁ ୪ଥର ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜନପ୍ରିୟତାର ପ୍ରମାଣ ବୋଲି ସେ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରେନ୍ ମିତ୍ରଙ୍କୁ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ସଂଗଠକ, ରାଜନେତା, ସାମ୍ବାଦିକ, ସଂସ୍କୃତିପ୍ରେମୀ ଓ ସମାଜ ସଂସ୍କାରକ ଭାବେ ଅଭିହିତ କରିଥିଲେ। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଲେ, ବ୍ୟକ୍ତିଗତ ଜୀବନରେ ସରଳତା, ତ୍ୟାଗ, ସେବା ଓ ରାଜନୈତିକ ଜୀବନରେ ଦକ୍ଷତା ଓ ନିର୍ଭୀକତା ନିମନ୍ତେ ବୀରେନ୍ ମିତ୍ର ଚିରସ୍ମରଣୀୟ ରହିବେ। ଏହି ଅବସରରେ ଅତିଥିମାନେ ଡ. ଦେବଦତ୍ତ ମହାନ୍ତିଙ୍କ ଲିଖିତ ବୀରେନ୍ ମିତ୍ରଙ୍କ ଜୀବନୀ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିସହ ସମାଜସେବୀ ଦେବାଶିଷ ରାଉତ, ଲିଟୁ ରାଉତରାୟ, ଶିକ୍ଷାବିତ୍ ନିତ୍ୟାନନ୍ଦ ସୁନ୍ଦରାୟ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଶେଷଜ୍ଞ ଡାକ୍ତର ଏ.ପି. ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସିତାଂଶୁ ଶେଖର ରାଉତ ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ସମ୍ପାଦକ ସୌମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଡ. ଦେବଦତ୍ତ ମହାନ୍ତିଙ୍କ ଲିଖିତ ବୀରେନ୍ ମିତ୍ରଙ୍କ ଜୀବନୀ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରଞ୍ଜନ



@ ବିଷ୍ଣୁ



@ ଅନିଲ



@ ମନୋଜ



@ ଅଭିନନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦକ୍ଷତା ବିକାଶ କେନ୍ଦ୍ରର ୧୮ ମହଲାରୁ ଖସି ଛାତ୍ର ମୃତ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

## ସିସିଟିଭି କାମ କରୁ ନ ଥିବା କହିଲେ କର୍ତ୍ତୃପକ୍ଷ

ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଜଣେ ଛାତ୍ର ୧୮ ମହଲା ଉପରୁ ସନ୍ଦେହଜନକ ଅବସ୍ଥାରେ ଖସିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ରାମପ୍ରସାଦ ବିଶ୍ୱାଳ (୧୯ )। ମଞ୍ଚେଶ୍ୱର ପୋଲିସ ମୃତଦେହ ଜବତ ସହ ଏକ ଅପମୃତ୍ୟୁ ମାମଲା (ନଂ ୧୦୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ରାମପ୍ରସାଦଙ୍କ ବାପା କହିଛନ୍ତି, ମୋ ପୁଅର କୌଣସି ପ୍ରେମ କି ଘରେ କାହା ସହ ଝଗଡା ନ ଥିଲା। ତେଣୁ ସେ ୧୮ ମହଲା ଉପରୁ ଖସିପଡ଼ିଲେ ନା କେହି ତାଙ୍କୁ ଠେଲି ଦେଇଛନ୍ତି ତାହାର ଠିକ୍ ତଦନ୍ତ ହେଉ। ସିସିଟିଭି ଫୁଟେଜ୍ ଦେଖି ପୁଅର ମୃତ୍ୟୁ ସମ୍ପର୍କରେ ଜାଣିବାକୁ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ହେଲେ ସେଠାରେ ଲାଗିଥିବା ସିସିଟିଭି କାମ କରୁ ନ ଥିବା ସେଣ୍ଟର କର୍ତ୍ତୃପକ୍ଷ ତାଙ୍କ ବାପାଙ୍କୁ କହୁଥିବାରୁ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ସୂଚନାନୁସାରେ, ଡିପ୍ଲୋମା ପରେ ରାମପ୍ରସାଦ ଦକ୍ଷତା ବିକାଶ କେନ୍ଦ୍ରରେ ଇଲେକ୍ଟ୍ରିକାଲ ୱିଙ୍ଗରେ ବର୍ଷକ ପାଇଁ ପ୍ରଶିକ୍ଷଣ ନେବାକୁ ଆସିଥିଲେ। ଗତ ସେପ୍ଟେମ୍ବରରେ ନାମ ଲେଖାଇଥିଲେ। ହେଲେ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ସ୍କିଲ ସେଣ୍ଟରର ୧୮ ମହଲାରୁ ସେ ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରାମପ୍ରସାଦଙ୍କ ମୃତ୍ୟୁ ସମ୍ପର୍କରେ କର୍ତ୍ତୃପକ୍ଷ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଏନେଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଘଟଣାର ତଦନ୍ତ ଚଳାଇଛି ।



ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ନବଗ୍ରହ ପୂଜା କରାଯାଉଛି।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସମ୍ବିଧାନ ଦିବସ ପାଳନ ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ ମାମଲା
## ଜେଲ୍ ଗଲେ ଘର ମାଲିକ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ) : ଜଣେ ନାବାଳିକା ଘରୋଇ ସହାୟିକାଙ୍କୁ ୬ ମାସର ଗର୍ଭବତୀ କରିବା ମାମଲାରେ ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତ ଘର ମାଲିକଙ୍କୁ ଶୁକ୍ରବାର ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା କନ୍ଧମାଳର ଜର୍ଜ ଦିଗାଲ। ଜେରା ବେଳେ ଅଭିଯୁକ୍ତ ଦୋଷ ସ୍ୱୀକାର କରିଛି। ପ୍ରକାଶ ଯେ, ଜର୍ଜ ଦିଗାଲ ନିରୀହ ଗରିବ ପରିବାରର ସୁନ୍ଦରୀ ଝିଅମାନଙ୍କୁ ଆଣି ନିଜ ଘରେ ସହାୟିକା କାର୍ଯ୍ୟ କରିବା ଆଳରେ ରଖୁଥାଏ। ପରେ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖୁଥାଏ। ଯେଉଁ ଝିଅ ଅରାଜି ହୁଏ ତାଙ୍କୁ ଛାଡ଼ିଦିଏ ବୋଲି ଅଭିଯୋଗ କରିଛନ୍ତି ଜର୍ଜ ରହୁଥିବା ବସ୍ତିର ବାସିନ୍ଦା। ଗର୍ଭବତୀ ହୋଇଥିବା ନାବାଳିକା ଓ ପୂର୍ବରୁ ରହିଥିବା ଗଜପତି ଜିଲାର ଦୁଇ ଜଣ ଝିଅ ଚନ୍ଦ୍ରଶେଖରପୁର ଥାନାରେ ପୃଥକ ଅଭିଯୋଗ କରିଛନ୍ତି। ପୋଲିସ ଜର୍ଜଙ୍କୁ ଗିରଫ କରି କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ବୟାନ ମଧ ରେକର୍ଡ କରାଯାଇଛି। ବସ୍ତି ମୁରବିମାନଙ୍କ କଥା ମାନୁ ନ ଥିବା ଓ ଘର ଭିତରେ ଏପରି ଅସାମାଜିକ କାର୍ଯ୍ୟ କରୁଥିବା ନେଇ ସେମାନେ ପୂର୍ବରୁ ସନ୍ଦେହ କରୁଥିଲେ ବୋଲି ପ୍ରକାଶ କରିଛନ୍ତି ।

## ମହମବତି ନିଆଁରୁ ଜଳିଗଲା ୩ ବଖରା

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ) : ରାଜଧାନୀ ଚକେଇସିଆଣି କେନାଲବନ୍ଧ ରାସ୍ତାରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ ୩ ବଖରା ଘର ପୋଡ଼ିଯାଇଛି । କେହି ମୃତାହତ ହୋଇନାହାନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରକାଶ ଯେ, ଅଜୟ ଜେନା ଓ ମାଗୁ ଏକ ଚାଳଛପର ଘର କରି ଦୀର୍ଘଦିନ ହେବ ରହୁଥିଲେ। ସେ ରାଜଧାନୀରେ କାଠକାମ କରନ୍ତି । ସକାଳ ପ୍ରାୟ ୮.୧୫ ସମୟରେ ବିଦ୍ୟୁତ ସରବରାହ ବନ୍ଦ ଥିଲା। ସେଥିପାଇଁ ଘରେ ଏକ ମହମବତି ଜଳୁଥିଲା। ସ୍ତ୍ରୀ ଝୁନା ଝିଅକୁ ସ୍କୁଲ ଛାଡ଼ିବାକୁ ଯାଇଥିଲା ବେଳେ ମାଗୁ ଶୋଇଥିଲେ। କୌଣସି କାରଣ ବଶତଃ ଚାଳଛପର ଘରକୁ କେତେବେଳେ ନିଆଁ ଧରି ନେଇଥିଲା। ସ୍ଥାନୀୟ ଲୋକେ ହୋ ହଲା କରିବା ସହ ମାଗୁଙ୍କୁ ଘରୁ ବାହାର କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଡାକ୍ତରଙ୍କଠାରୁ ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ): ଡାକ୍ତରଙ୍କଠାରୁ ସୁନା ଚେନ୍ ଝାମ୍ପିନେବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ୍-୩ ମସଜିଦ୍ କଲୋନୀରେ ରହୁଥିବା ପଶ୍ଚିମବଙ୍ଗର ନନ୍ଦ ଓରଫ୍ ଶେକ୍ ଅନୱାର(୨୮) । ତାଙ୍କ ନିକଟରୁ ପୋଲିସ ମୋବାଇଲ୍ ଜବତ କରିଛି । ସୂଚନାନୁସାରେ, ଡାକ୍ତର ପ୍ରଗତ କୁମାର ନାଥ ଆଚାର୍ଯ୍ୟ ବିହାରସ୍ଥିତ ଏକ ଘରୋଇ ଡାକ୍ତରଖାନାରୁ ଖାରବେଳନଗର ଥାନା ଅନ୍ତର୍ଗତ ଏକ ଘରୋଇ ଡାକ୍ତରଖାନାକୁ ରାତିରେ ଆସୁଥିଲେ। ସେ ମାଲିସାହି ଛକ ନିକଟରେ ହୋଇଥିବା ବେଳେ ଅଭିଯୁକ୍ତ ଏବଂ ଜଣେ ନାବାଳକ ସହଯୋଗୀ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ପଳାଇ ଯାଇଥିଲେ। ଚେନ୍‌ର କିଛି ଅଂଶ ଡାକ୍ତରଙ୍କ ବେକରେ ଲାଗି ରହିଥିଲା। ଏ ନେଇ ଡାକ୍ତର ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।

# ପ୍ରଭାବଶାଳୀଙ୍କୁ ଜେରା ପାଇଁ ଦିଲ୍ଲୀ ମୁଖ୍ୟାଳୟରେ ବ୍ଲୁ ପ୍ରିଣ୍ଟ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)



### ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା
- ତଦନ୍ତକାରୀ ଟିମ୍‌କୁ ଆସିଛି ଡାକରା
- ୩୭ ଲକ୍ଷର ଆର୍ଥିକ କାରବାର ଧରିଛି ଇଡି
- ଜେରାବେଳେ ସହଯୋଗ କରି ନ ଥିଲେ ଖଗେଶ୍ୱର

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡେ ଲମ୍ବିଛି ତାହାର ଖୋଳତାଡ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। କମ୍ ସମୟ ଭିତରେ ଅମାପ ସମ୍ପତ୍ତିର ମାଲିକାଣୀ କିପରି ହେଲେ ତାହାର ଟିକିନିଖି ତଥ୍ୟ ଯୋଗାଡ କରିବାକୁ ଉଦ୍ୟମ ଚଳାଇଛି। କେଉଁ ବଡ଼ବଡ଼ିଆ ଅର୍ଚ୍ଚନାଙ୍କ ହନିଟ୍ରାପ୍‌ର ମାୟାଜାଲରେ ଫସି ବିପୁଳ ଟଙ୍କା ଓ ସମ୍ପତ୍ତି ଦେଇଛନ୍ତି, ସେ କେଉଁ ପ୍ରଭାବଶାଳୀ ଅଫିସ ତଥା କ୍ଷମତାଶଳୀ ନେତାଙ୍କ ସାହସରେ ଏପରି କଳାସାମ୍ରାଜ୍ୟ ବିସ୍ତାର କରି ଚାଲିଥିଲେ ତାହାର ତାଲିକା ଲମ୍ବି ଚାଲିଛି। ଅର୍ଚ୍ଚନାଙ୍କ ବିଜ୍‌ନେସ ପାର୍ଟନର ଖଗେଶ୍ୱର ପାତ୍ର, ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ବେହେରା, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ବ୍ୟବସାୟୀ ଅମିୟକାନ୍ତ, ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧର ସାମଲଙ୍କୁ ଜେରାରୁ ଏ ସଂକ୍ରାନ୍ତରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ଇଡି। ଆଗକୁ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ସମ୍ପୃକ୍ତ ପ୍ରଭାବଶାଳୀଙ୍କୁ କିପରି ଜେରା କରାଯିବ ସେନେଇ ଇଡି ପକ୍ଷରୁ ଦିଲ୍ଲୀ ମୁଖ୍ୟାଳୟରେ ବଡ଼ ପ୍ରସ୍ତୁତି ଆରମ୍ଭ ହୋଇଛି। ଇତିମଧ୍ୟରେ ମୁଖ୍ୟାଳୟରୁ ତଦନ୍ତକାରୀ ଟିମ୍‌କୁ ଡାକରା ଆସିଛି। ଉକ୍ତ ଟିମ୍ ତଦନ୍ତ ଓ ଜେରାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବ। ସେହି ଆଧାରରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଆସନ୍ତା ସପ୍ତାହରେ କ୍ଷମତାଶାଳୀ ଓ ପ୍ରଭାବଶାଳୀଙ୍କୁ ଇଡି ଜେରା କରିପାରେ ବୋଲି ସୂଚନା ମିଳିଛି।

ପ୍ରାଥମିକ ଖୋଳତାଡ ଭିତରେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱରଙ୍କ ୩୭ଲକ୍ଷ ଟଙ୍କାର କାରବାର ତଥ୍ୟ ସଂଗ୍ରହ କରିଛି। ତେବେ ତାହା ବେଆଇନ କି ନୁହେଁ ସେ ସମ୍ପର୍କରେ ଇଡି ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ୨ଥର ରିମାଣ୍ଡରେ ଆସିଥିବା ଖଗେଶ୍ୱର ଜେରାବେଳେ ଇଡିକୁ ସହଯୋଗ କରି ନ ଥିଲେ। ୩ୟଥର ପାଇଁ ରିମାଣ୍ଡ ଆବେଦନ ପିଟିଶନରେ ଇଡି ଏହା ଦର୍ଶାଇଥିଲା। ହେଲେ କୋର୍ଟ ରିମାଣ୍ଡ ଅନୁମତି ଦେଇ ନ ଥିବାରୁ ଇଡି ପୁଣି କେତେବେଳେ ଖଗେଶ୍ୱରଙ୍କୁ ରିମାଣ୍ଡରେ ଆଣି ଜେରା କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ନାଗ-ଚାନ୍ଦ ଦମ୍ପତି ୮୩ଲକ୍ଷ ଟଙ୍କାର ଲ୍ୟାଣ୍ଡ୍ ରୋଭର ଗାଡି କିଣିବାକୁ ଯୋଜନା କରିଥିଲେ। ଏଥିପାଇଁ ୩୫ ଲକ୍ଷ ୧୧ ହଜାର ଟଙ୍କା ପୈଠ କରି ଅଗ୍ରିମ ବୁକିଂ କରିଥିଲେ। ପରବର୍ତ୍ତୀ ସମୟରେ ବୁକିଂ ବାତିଲ କରିଦେବାରୁ ଉକ୍ତ ଟଙ୍କାକୁ ଅର୍ଚ୍ଚନାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଶୋ'ରୁମ୍ ମାଲିକ ତଥା ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧର ସାମଲ ଜେରା ପରେ ଗଣମାଧ୍ୟମକୁ କହିଥିଲେ। ହେଲେ ଏହାର ସତ୍ୟତାକୁ ଇଡି ଅଧିକାରୀମାନେ ଯାଞ୍ଚ କରିବା ସହ ଅନ୍ୟ ଦାମୀ ତଥା ବିଳାଶମୟ ଗାଡ଼ି, ଘର, ଜମି ଆଦି ସମ୍ପତ୍ତି କରିବାରେ ନାଗ-ଚାନ୍ଦ ଦମ୍ପତି ଏତେ ଟଙ୍କା କୁଆଡୁ ହାତେଇଥିଲେ ତାହାର କିଛିଟା ଲିଙ୍କ୍ ପାଇଛି ଇଡି ଟିମ୍। ତେଣୁ ଆଗକୁ ନାଗ ସାମ୍ରାଜ୍ୟର ନିଅନ୍ତା ବା ସୁରକ୍ଷାକର୍ତ୍ତାଙ୍କୁ ଜେରା କରି ଅସଲ ଗୁମର ଖୋଲିବାକୁ ଇଡି ବଡ଼ ପ୍ରସ୍ତୁତି ଆରମ୍ଭ କରିଥିବାରୁ ତାହାକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି।



ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ମିଶନଶକ୍ତି ମହିଳାମାନେ ଶନିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ବାହାଘର ପୂର୍ବରୁ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ) :

### ଅଳଙ୍କାର ଶୋ'ରୁମ୍‌ର ମ୍ୟାନେଜର ଥିଲେ

ମାସେ ପରେ ଯୁବକଙ୍କ ବାହାଘର ହୋଇଥାନ୍ତା। ଏଥିପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। କାର୍ଡ ଛପା ସରିଥିଲାବେଳେ ପରିବାରରେ ଖୁସିର ପରିବେଶ ଲାଗି ରହିଥିଲା। ଏପରିସ୍ଥିତିରେ ଯୁବକ ଜଣକ ଶନିବାର ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ଯୁବକ ହେଲେ ଏକ ଜୁଏଲାରୀ ଶୋ'ରୁମ୍ ମ୍ୟାନେଜର କଟକ ବଡମ୍ବାର ନରସିଂହପୁର ଲେହେଙ୍ଗାର ଜ୍ଞାନରଞ୍ଜନ ପ୍ରଧାନ(୩୩)। ଧଉଳି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ଜ୍ଞାନରଞ୍ଜନଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ଗତ କିଛିଦିନ ହେବ ଜ୍ଞାନରଞ୍ଜନ ଚିନ୍ତିତ ଥିଲେ ବୋଲି ତାଙ୍କ ଭାଇ କହିଛନ୍ତି। ତାଙ୍କର ବିବାହ ଠିକ୍ ହୋଇଥିଲା। ମାସେ ପରେ ସେ ବିବାହ କରିଥାନ୍ତେ। କ'ଣ ପାଇଁ ସେ ମାନସିକ ଚିନ୍ତାରେ ଥିଲେ ଓ କାହିଁକି ଆତ୍ମହତ୍ୟା କଲେ ତା'ର ତଦନ୍ତ ଚାଲିଛଇ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ଘଟଣା ଉପରୁ ପରଦା ହଟିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଜ୍ଞାନରଞ୍ଜନ ଧଉଳି ଥାନା ଲିଙ୍ଗିପୁରରେ ଭଡାରେ ରହିବା ସହ ମାଷ୍ଟର କ୍ୟାଣ୍ଟିନରେ ଥିବା ଏକ ଜୁଏଲରୀ ଶୋ'ରୁମ୍‌ର ମ୍ୟାନଜର ଭାବେ କାମ କରୁଥିଲେ। ଶନିବାର ସକାଳୁ ପରିବାର ଲୋକଙ୍କ ସହ ଜ୍ଞାନରଞ୍ଜନ କଥା ହୋଇଥିଲେ। ଅପରାହ୍ନ ୩ଟାରେ ବଡ ଭାଇ ବାରମ୍ବାର ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। ସହକର୍ମୀଙ୍କୁ ଯୋଗାଯୋଗ କରିବାରୁ ସେ ଶୋ'ରୁମ୍ ଆସି ନ ଥିବା ଜାଣିବା ପରେ ସନ୍ଦେହ ବଢ଼ିଥିଲା। ତେଣୁ ଏନେଇ ପରିବାର ପକ୍ଷରୁ ଧଉଳି ଥାନାକୁ ଖବର ଦେଇଥିଲେ। ପୋଲିସ ତାଙ୍କ ଘର ନିକଟରେ ପହଞ୍ଚିବା ପରେ କବାଟ ଭିତର ପଟୁ ବନ୍ଦ ଥିବା ଦେଖିବା ପରେ ତୁରନ୍ତ କବାଟ ଭଙ୍ଗା ଯାଇଥିଲା। ଜ୍ଞାନରଞ୍ଜନ ଫ୍ୟାନରେ ଝୁଲୁଥିବା ଦେଖିବା ପରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

### ୫ କୋଟି ଠକେଇ ମାମଲା
## ଅଭିଯୁକ୍ତ ଫେରାର, ଝାଡ଼ଖଣ୍ଡ ପୋଲିସ ନିରାଶ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ) :

ଝାଡଖଣ୍ଡରେ ହୋଇଥିବା ୫ କୋଟି ଠକେଇ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ପହଞ୍ଚିଛି ଝାଡଖଣ୍ଡ ପୋଲିସ । ମାତ୍ର ସୂଚନା ପାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ସେମାନଙ୍କ ଘର ସାମ୍ନାରେ ନୋଟିସ୍ ମାରିଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ରଶ୍ମିରଞ୍ଜନ ପଟ୍ଟନାୟକ ଓ ଦୁର୍ଗାପ୍ରସାଦ ମିଶ୍ର ନାମକ ଦୁଇ ଜଣ ଯୁବକ ୨୦୧୨ରେ ଝାଡଖଣ୍ଡ ଦେଓଘର ମଧୁପୁର ଥାନା ଅଧୀନରେ ଏକ ଫାଇନାନ୍ସ କାର୍ଯ୍ୟାଳୟ ଖୋଲିଥିଲେ। ସେଠାକାର ଲୋକଙ୍କ ନିକଟରୁ କିଛି ବର୍ଷ ମଧ୍ୟରେ ୫ କୋଟି ଟଙ୍କା ଆଦାୟ କରି ୨୦୧୫ରେ ସଂସ୍ଥା ବନ୍ଦକରି ଫେରାର ହୋଇଯାଇଥିଲେ। ସେଠାକାର ଲୋକେ ଜମା ଅର୍ଥ ନପାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ସେମାନେ ଓଡ଼ିଶା ଭୁବନେଶ୍ୱରର ବୋଲି ଜାଣିବାକୁ ପାଇଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଝାଡଖଣ୍ଡ ପୋଲିସର ଏକ ୫ ଜଣିଆ ଟିମ୍ ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଥିଲା। ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ସହାୟତାରେ ଅଭିଯୁକ୍ତଙ୍କ ଘରେ ଚଢାଉ କରିଥିଲେ ମଧ ସେମାନେ ଫେରାର ହୋଇଯାଇଥିବାରୁ ଝାଡ଼ଖଣ୍ଡ ପୋଲିସ ନିରାଶ ହୋଇ ଫେରିଥିବା ସୂଚନା ମିଳିଛି। ଏଥିସହ ଅଭିଯୁକ୍ତଙ୍କ ଘର ସାମ୍ନା ଓ ରେଲଷ୍ଟେଶନରେ ନୋଟିସ୍ ମାରିଛି । ସେଥିରେ ଉଲ୍ଲେଖ ଅଛି, ଯଦି ଅଭିଯୁକ୍ତମାନେ ଆତ୍ମସମର୍ପଣ ନ କରନ୍ତି, ତେବେ ଝାଡଖଣ୍ଡରେ ଥିବା ସେମାନଙ୍କ ଘରକୁ ପ୍ରଶାସନ ପକ୍ଷରୁ ନିଲାମ କରିଦିଆଯିବ ।

# 'ଲୋକତାନ୍ତ୍ରିକ ପରମ୍ପରାରେ ଧର୍ମର ଅନ୍ୱେଷଣ' ଶୀର୍ଷକ ଆଲୋଚନା




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ।

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ଅବସରରେ 'ଲୋକତାନ୍ତ୍ରିକ ପରମ୍ପରାରେ ଧର୍ମର ଅନ୍ୱେଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ଡ. ସୁବାସ ଚନ୍ଦ୍ର ଦାସ ଯୋଗଦେଇ ଭାରତୀୟ ସମ୍ବିଧାନର ବିଭିନ୍ନ ଧାରାରେ ଭାରତୀୟ ଧର୍ମ ନିରପେକ୍ଷତାର ସୁରକ୍ଷା ଓ ପ୍ରତିଫଳନର ବିସ୍ତୃତ ସୂଚନା ଦେଇଥିଲେ। ଏଥିସହ ଲୋକତାନ୍ତ୍ରିକ ପରମ୍ପରାର ଐତିହାସିକ ଓ କିମ୍ବଦନ୍ତୀମୂଳକ ବିଭିନ୍ନ ଉଦାହରଣ ଦେଇ ସମସାମୟିକ ସାମ୍ବିଧାନିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ବେହେରା ଭାରତୀୟ ଲୋକତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ.ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପନା ମଣ୍ଡଳୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରବି ରାୟ ଥିଲେ ସାମ୍ୟବାଦୀ ଚେତନାର ଜନନେତା



ରବି ରାୟଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ ।

ବାଲିପାଟଣା,୨୬।୧୧(ଡି.ଏନ୍.ଏ.):

ବାଲିପାଟଣା ନିକଟ ଦୁର୍ଗାମାଧବ କଲ୍ୟାଣ ମଣ୍ଡପଠାରେ ଶନିବାର ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ସାମ୍ୟବାଦୀ ଚେତନାର ଜନନେତା ରବି ରାୟ ଥିଲେ ବୋଲି କହିଥିଲେ। ଅତିଥିଭାବେ ଅନୁ ସଚିବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶାର ଲକ୍ଷ୍ମୀଧର ବେହେରା, କବି ସତ୍ୟାନାଶ, ଗୀତିକବି ତଥା ବରିଷ୍ଠ ସାମରିକ ଅଧିକାରୀ ବିପିନ ମହାନ୍ତିପ୍ରମୁଖ ଯୋଗଦେଇ ରାବି ରାୟଙ୍କ ସାମ୍ୟବାଦୀ ଚେତନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମନୋରଞ୍ଜନ ରାୟ ସଭାପତିଭାବେ ସଭା ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରବି ରାୟ ସ୍ମୃତି ସଂସଦ, ଓଡ଼ିଶାର ସମ୍ପାଦକ କବି ଭଗବାନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅଭିମନ୍ୟୁ ନାୟକ ବିବରଣୀ ପାଠ କରିବା ସହ ରବି ରାୟଙ୍କ ସ୍ମୃତି ଚାରଣ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ମନିର୍ଦ୍ଦେଶକ ରଜନୀ ରଞ୍ଜନ ଦାସ, ସଂସଦର କୋଷାଧ୍ୟକ୍ଷ ତଥା ସାମ୍ବାଦିକ ସୁରେଶ ସ୍ୱାଇଁ, ଝୁନାରାଣୀ ସାହୁ, ଅଧ୍ୟାପକ ମୁରଲୀଧର ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ସଞ୍ଜୁଲତା ଦେଇ, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥଲେ। କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ, ସାମ୍ବାଦିକ, ନେତା, ପ୍ରଶାସକ ଯୋଗଦେଇଥିଲେ।

# ଡିସେମ୍ବର ୩ରେ ଭାସ୍କର୍ଯ୍ୟ ଶିବିର

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

### କ୍ଷେତ୍ର ପରିଦର୍ଶନ କଲେ ବିଏମ୍‌ସି ଅଧିକାରୀ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ଆନୁକୂଲ୍ୟରେ ଏକ ଭାସ୍କର୍ଯ୍ୟ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ଡିସେମ୍ବର ୩ରୁ ଆୟୋଜନ ହେବାକୁ ଥିବା ଏହି ଶିବିରରେ ସାରା ଓଡ଼ିଶାରୁ ବଛା ବଛା ଶିଳ୍ପୀ ଅଂଶଗ୍ରହଣ କରିବେ। ଏନେଇ ଆସନ୍ତା ସପ୍ତାହରେ ଶିଳ୍ପୀ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିନିମନ୍ତେ ଏକାଡେମୀ ପକ୍ଷରୁ ଏକ ଚୟନ କମିଟି ଗଠନ କରାଯିବ। ତେବେ ଏହି ଶିବିରରେ ଆୟୋଜନ ପୂର୍ବରୁ ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଦକ୍ଷିଣ-ପଶ୍ଚିମ ଜୋନାଲ କମିଶନର ରବି ନାରାୟଣ ଜେଠୀ, ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ଗଜେନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବିଏମ୍‌ସି ଓ ଏକାଡେମୀର ଅନ୍ୟ ଅଧିକାରୀମାନେ କଳାଭୂମି ପରିଦର୍ଶନ କରିଛନ୍ତି। ପ୍ରଦର୍ଶନୀରେ ଟେରାକୋଟା, ପ୍ରସ୍ତର ଭାସ୍କର୍ଯ୍ୟ ସହ ଅନ୍ୟାନ୍ୟ ଶିଳ୍ପ ପ୍ରଦର୍ଶିତ ହେବ । ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଆୟୋଜନ ହେବ।

# 'ଫଣ୍ଡରେଜିଂ ଜରିଆରେ କର୍କଟ ରୋଗୀଙ୍କୁ ସହାୟତା'

ଭୁବନେଶ୍ୱର,୨୬।୧୧:

ସଦ୍‌ଗୁରୁ ହସ୍ପିଟାଲ କଟକ ଓ ଭୁବନେଶ୍ୱର ବିଭାନ୍ତା ହୋଟେଲର ମିଳିତ ସହଯୋଗରେ କର୍କଟ ରୋଗୀଙ୍କ ପାଇଁ ଏକ ଫଣ୍ଡରେଜିଂ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଶନିବାର ପାତ୍ରପଡ଼ାସ୍ଥିତ ବିଭାନ୍ତା ହୋଟେଲ ପରିସରରେ ଫଣ୍ଡରେଜିଂ ସହ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି। କର୍କଟ ରୋଗୀଙ୍କ ଚିକିତ୍ସା ଲାଗି ଉକ୍ତ ଇଭେଣ୍ଟର ଆୟୋଜନ କରାଯାଇଥିଲା ବୋଲି ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି ମତପ୍ରକାଶ କରିଛନ୍ତି। ଏପରିକି କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭାନ୍ତା ହୋଟେଲ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପୋଲିସ ପ୍ରଶାସକ ଆର୍.ପି. କୋଚେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାଧାରଣ ରୋଗ ଭଳି ବର୍ତ୍ତମାନ କ୍ୟାନ୍ସର ମଧ ଏକ ମହାମାରୀ ଭାବେ ବୃଦ୍ଧି ଘଟିବାରେ ଲାଗିଛି। ସେହିଭଳି ଆର୍ଥିକ ସମ୍ବଳ ନ ଥିବା କାରଣରୁ ମଧ କର୍କଟ ରୋଗୀମାନେ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ୍ରଗ୍ସ କଣ୍ଟ୍ରୋଲର ସୁବୋଧ କୁମାର ନାୟକ, ଜାତୀୟ ମାନବାଧିକାର କମିଶନର ସଚିବ ଅଭିଜିତ ଦୀକ୍ଷିତ ଓ ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସଦ୍‌ଗୁରୁ ହସ୍ପିଟାଲର ଏଭଳି ଏକ ମହତ ଉଦ୍ଦେଶ୍ୟ ଏବଂ ରୋଗୀମାନଙ୍କୁ ଆର୍ଥିକ ସହାୟତାର ହାତ ବଢାଇବା ଲକ୍ଷ୍ୟ ନେଇ ଏହି ଫଣ୍ଡରେଜିଂ ଇଭେଣ୍ଟର ଆୟୋଜନ କରାଯାଇଥିଲା ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ବର୍ତ୍ତମାନ ଦେଶ ଓ ରାଜ୍ୟରେ ରହିଥିବା କର୍କଟ ରୋଗର ସ୍ଥିତିକୁ ନେଇ ଏକ ରିପୋର୍ଟ ସଦ୍‌ଗୁରୁ ହସ୍ପିଟାଲର ଚିଫ୍ ଅନ୍‌କୋଲୋଜି ଡା. ସୌମ୍ୟରଞ୍ଜନ ମିଶ୍ର ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସେହିପରି ଡା. କୃପାସିନ୍ଧୁ ପଣ୍ଡା, ଡା. ସୁରେନ୍ଦ୍ରନାଥ ସେନାପତି, ଡା. ଦୀପ୍ତିରାଣୀ ସାମନ୍ତ, ଡା. ସାଗରିକା ସାମନ୍ତରାୟ କହିଥିଲେ, କର୍କଟ ରୋଗରେ ଆକ୍ରାନ୍ତ ଅନେକ ଲୋକ ଚିକିତ୍ସାରୁ ବଞ୍ଚିତ ହେଉଥିବା ବେଳେ ସଦ୍‌ଗୁରୁ ହସ୍ପିଟାଲର ଏଭଳି ଉଦ୍ୟମକୁ ସେମାନେ ପ୍ରଶଂସା କରିଥିଲେ। ଏଥିସହ ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ମହାନ୍ତିଙ୍କ ଅଧ୍ୟକ୍ଷତାରେ କର୍କଟ ରୋଗ ସହ ସଂଘର୍ଷ କରି ଜିତିଥିବା ୪ଜଣ ବ୍ୟକ୍ତିଙ୍କୁ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସମ୍ମାନିତ କରାଯାଇଥିଲା।




ପାତ୍ରପଡ଼ାସ୍ଥିତ ବିଭାନ୍ତ ହୋଟେଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ଶିଶୁଙ୍କ ସୁରକ୍ଷା ବଡ଼ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

ଭୁବନେଶ୍ୱର, ୨୬।୧୧ (ବ୍ୟୁରେ)




'ଶିଶୁ ଯୌନ ଶୋଷଣ ଓ ନିର୍ଯାତନା ବିଲୋପ' ଶୀର୍ଷକ ଜାତୀୟ କର୍ମଶାଳାରେ ଅତିଥିମାନେ ଉଦ୍‌ବୋଧନ ଦେଉଛନ୍ତି ।

ଶିଶୁମାନଙ୍କ ସୁରକ୍ଷା ବଡ଼ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଶିଶୁମାନଙ୍କ ଉପରେ ହେଉଥିବା ଯୌନ ଶୋଷଣ ଓ ନିର୍ଯାତନାରୁ ସୁରକ୍ଷା ଦେବା ଏବଂ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବା ବଡ଼ ଲୋକଙ୍କର ଦାୟିତ୍ୱ ବୋଲି ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା କହିଛନ୍ତି। ନ୍ୟାଶନାଲ ଆକ୍ସନ ଆଣ୍ଡ କୋର୍ଡିନେଶନ ଗ୍ରୁପ ଫର ଏଣ୍ଡିଂ ଭାଓଲେନ୍ସ ଏଗ୍‌ନେଷ୍ଟ ଚିଲ୍‌ଡ୍ରେନ (ଏନ୍‌ଏସିଜି ଇଭାକ) ଇଣ୍ଡିଆ ଆନୁକୂଲ୍ୟରେ ପିକକ୍ ପକ୍ଷରୁ ଏବଂ ୱାର୍ଲଡ ଭିଜନ ଇଣ୍ଡିଆ, ୱାର୍ଲଭ ଭିଜନ ଜର୍ମାନୀ, ବିଏମ୍‌ଜେଡ୍ ଜର୍ମାନୀ ସହଯୋଗରେ 'ଶିଶୁ ଯୌନ ଶୋଷଣ ଓ ନିର୍ଯାତନା ବିଲୋପ' ଶୀର୍ଷକ ଜାତୀୟ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ସଞ୍ଜୁ କହିଲେ, ପିଲାମାନେ ସୁରକ୍ଷିତ ରହିଲେ ସୁନାଗରିକ ହୋଇ ଠିଆହୋଇ ପାରିବେ। ପିଲାମାନେ ବିଭିନ୍ନ ଆହ୍ୱାନକୁ ଭୟ ନ କରି ସାମ୍ନା କରିବା ଉଚିତ। ମାତାପିତାମାନେ ସେମାନଙ୍କୁ ଏ କ୍ଷେତ୍ରରେ ସହଯୋଗ ଯୋଗାଇଦେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏନ୍‌ଏସିଜି ଇଭାକ ଇଣ୍ଡିଆର ଜାତୀୟ ଅଧକ୍ଷ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦୁଇ ଦିନିଆ କର୍ମଶାଳାର ଉଦ୍‌ଘାଟନୀ ପର୍ବରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର ଯୋଗଦେଇ ଥିଲେ। ଧୀରେ ଧୀରେ ପିଲାମାନଙ୍କ ଉପରେ ନିର୍ଯାତନା ବଢିବାରେ ଲାଗିଛି । ଘରଠୁ ବାହାର ସବୁଠି ସେମାନେ ନିର୍ଯାତିତ ହେଉଛନ୍ତି। ଏହାକୁ ବିଲୋପ କରିବା ପାଇଁ ନିଜେ ପୀଡିତ ଏହା ବିରୁଦ୍ଧରେ ସ୍ୱର ଉଠାଇବା ସହ ସମାଜର ସବୁ ବର୍ଗରୁ ପ୍ରତିବାଦ ସ୍ୱର ଉଠିବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଲଡ ଭିଜନର ଆଡଭୋକାସୀ ମୁଖ୍ୟ ମିଖାଇଲ ପ୍ରଧାନ, ଏନ୍‌ଏସିଜି ଇଭାକ ଇଣ୍ଡିଆର ଉତ୍ତରାଖଣ୍ଡ ମୁଖ୍ୟ ଆଦିତ କୌର, ଓଡିଶା ଆବାହକ ପ୍ରକାଶ ରଥ ପ୍ରମୁଖ ପିଲାଙ୍କ ଉପରେ ହେଉଥିବା ନିର୍ଯାତନାର ବିଲୋପ ପାଇଁ ସବୁସ୍ତରରୁ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଶିଶୁ ପ୍ରତିନିଧି ଜୀଭା, ଦିବ୍ୟା, ଅସଲାମ, ଆର୍ଯ୍ୟେନ, ସୌମ୍ୟା, ପ୍ରିୟରଞ୍ଜନ, ଇପ୍ସିତା ପ୍ରମୁଖ ଶିଶୁ ଯୌନ ଶୋଷଣର ବିଲୋପ ପାଇଁ ସମ୍ମିଳିତ ଆଲୋଚନାରୁ ବାହାରିଥିବା ନିଷ୍କର୍ଷ ଉପସ୍ଥାପନ କରିଥିଲେ। ଏନ୍‌ଏସିଜି ଇଭାକ ଇଣ୍ଡିଆ କୋଷାଧ୍ୟକ୍ଷ ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ ।

## ୩୦ରେ ଅବସର ନେବେ ରେଭେନ୍ସା କୁଳସଚିବ

**କଟକ ଅଫିସ:** ଆସନ୍ତା ୩୦ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ ଭକ୍ତଚରଣ ପ୍ରଧାନ ଅବସର ଗ୍ରହଣ କରିବେ। ତାଙ୍କ ସ୍ଥାନରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍ଏଲ୍ୟୁ)ର କୁଳସଚିବ ନିରୁପମା ସ୍ୱାଇଁଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯିବ। ନୂତନ କୁଳସଚିବଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ପ୍ରଦାନ କରା ନଯିବା ପର୍ଯ୍ୟନ୍ତ ସ୍ୱାଇଁ ଏହି ଦାୟିତ୍ୱ ତୁଲାଇବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରଧାନ କେଉଁଝରେ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ରାଜ୍ୟ ସରକାର ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ବଦଳି କରିଥିଲେ। ୨୦୨୦ ଫେବୃୟାରୀରେ ସେ କୁଳସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

### ସଂକ୍ଷେପରେ

## ମାଲଗୋଦାମ ବ୍ୟବସାୟୀ ଫାରୁକ୍ ହତ୍ୟା ମାମଲା
## ଫେରାର ଅଭିଯୁକ୍ତ ୮ ବର୍ଷ ପରେ ଗିରଫ



କଟକ ଅଫିସ,୨୬।୧୧: ମାଲଗୋଦାମ ବ୍ୟବସାୟୀ ମହମ୍ମଦ ଫାରୁକ ତୟବ ହତ୍ୟା ମାମଲାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ସେକ୍ ଅବ୍ଦୁଲ ୱାସିମ(୩୮)ଙ୍କୁ ପୋଲିସ ଶନିବାର ଗିରଫ କରିଛି। ମଙ୍ଗଳାବାଗ ଥାନା ଅନ୍ତର୍ଗତ ମଣିସାହି ଛକ ଆଖଡ଼ାଗଳିର ବାସିନ୍ଦା ମହମ୍ମଦ ଫାରୁକ୍ ୨୦୧୪ ନଭେମ୍ବର ୧୨ ତାରିଖ ଅପରାହ୍ନ ୪ଟାରେ ମାଲଗୋଦାମସ୍ଥିତ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଦୁଇଟି ବାଇକ୍‌ରେ ଆସି ଫାରୁକଙ୍କ ଉପରକୁ ବନ୍ଧୁକ ଉଠାଇ ଗୁଳି ଚାଳନା କରିଥିଲେ। ଫାରୁକ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାଦାବଟି ଆଦାୟକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ହୋଇଥିଲା। ଏ ନେଇ ଫାରୁକଙ୍କ ସ୍ତ୍ରୀ ଇଶରାତ ଜହାଁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୪/୧୪) ରୁଜୁ କରିଥିଲା। ଏହି ମାମଲାରେ ମୋଟ ୧୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପୋଲିସ ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଗିରଫ କରିଥିଲା। ୱାସିମ ୮ ବର୍ଷ ଧରି ଫେରାର ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପୋଲିସ ହାତରେ ଧରାପଡ଼ିଥିଲେ। ପୋଲିସ ଜେରାବେଳେ ସେ ଫାରୁକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କ ନିର୍ଦ୍ଦେଶରେ ସେ ସହଯୋଗୀମାନଙ୍କ ସହ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ନିକଟରେ ପ୍ରକାଶ କରିଛି।

## ଆନ୍ତଃକଲେଜ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ

କଣ୍ଟାପଡ଼ା, ୨୬।୧୧(ଡି.ଏନ୍.ଏ.)
କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରସ୍ଥିତ ପ୍ରାଚୀ ଜିମ୍‌ଖାନା ଷ୍ଟାଡିୟମ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩ ଦିନିଆ ୭୧ତମ ଆନ୍ତଃକଲେଜ ଆଥ୍‌ଲେଟିକ୍ସ ମିଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଡ଼ଶପୁର ୟୁଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ସତ୍ୟସୁନ୍ଦର ଦେବାଶିଷ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଜୀବନର ଏକ ଅଙ୍ଗ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସଭ୍ୟ ଅମ୍ବିକା ପ୍ରସାଦ ରାୟ ଓ ଶକ୍ତିସ୍ୱରୂପ ସେନାପତି ଯୋଗଦେଇଥିଲେ। ୟୁଏନ୍ କଲେଜ କ୍ରୀଡ଼ା ପରିଷଦ ଉପସଭାପତି ତଥା ଅଧାପକ ଅରୁଣ କୁମାର ସ୍ୱାଇଁ ଅତିଥି ପରିଚୟ ଓ ବିନୟୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୮୭ ମହାବିଦ୍ୟାଳୟରୁ ୫୭୩ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆରାଧା ପ୍ରଧାନ, ବିଶ୍ୱରଞ୍ଜନ ନାୟକ, ସନ୍ତୋଷ ମାଝୀ, ବିରଞ୍ଚି ସାହୁ, ନିରୂପମା ମିଶ୍ର, ସୁଚରିତା କାନୁନ୍‌ଗୋ ଓ ବିଶ୍ୱକଳ୍ପିତା ମହାନ୍ତି କ୍ରୀଡ଼ା ପରିଚାଳନା କରିଥିଲେ।

# ଭୋଟର ପରିଚୟପତ୍ର ପାଇଁ ଲୋକେ ହଇରାଣ

କଟକ ଅଫିସ,୨୬।୧୧

### କିନ୍ନର, ଯୌନକର୍ମୀଙ୍କୁ ମିଳିବ ଭୋଟର ପରିଚୟପତ୍ର

କଟକ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ନୂତନ ଭୋଟର ପରିଚୟପତ୍ର ଅଭିଯାନରେ କିନ୍ନର ଓ ଯୌନକର୍ମୀଙ୍କୁ ସାମିଲ କରିବାକୁ ପ୍ରୟାସ ଚାଲିଛି। ବିଭିନ୍ନ ସାମାଜିକ ସଙ୍ଗଠନ ମାଧ୍ୟମରେ ଏମାନଙ୍କୁ ଠାବ କରାଯାଇ ସାମାଜିକ ସ୍ରୋତରେ ମିଶାଇବାର ଉଦ୍ୟମ ହେଉଛି। ଶିଖରପୁର ଅଞ୍ଚଳରେ ରହୁଥିବା କେତେଜଣ କିନ୍ନରଙ୍କୁ ପ୍ରାଥମିକ ଅବସ୍ଥାରେ ଭୋଟର ତାଲିକାରେ ସାମିଲ କରାଯିବ ବୋଲି କଟକ ସଦର ଉପଜିଲାପାଳ କହିଛନ୍ତି।

ସରକାରୀ ସେବାକୁ ଲୋକାଭିମୁଖୀ କରିବା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଅନ୍‌ଲାଇନ୍ କରାଯାଉଛି। ସାଧାରଣ ଲୋକେ ଆଉ ସରକାରୀ ଦପ୍ତରରେ ଦୀର୍ଘଦିନ ଅଥବା ଦୀର୍ଘ ସମୟ ଅପେକ୍ଷା କରିବାର ଆବଶ୍ୟକତା ପଡୁନାହିଁ। ମାତ୍ର ଭୋଟର ପରିଚୟପତ୍ର କ୍ଷେତ୍ରରେ କିଛି ବ୍ୟତିକ୍ରମ ଦେଖାଦେଇଛି ଯାହା ସାଧାରଣ ଲୋକଙ୍କୁ ଅଡୁଆରେ ପକାଇଛି। ଅନ୍‌ଲାଇନ୍‌ରେ ଭୋଟର କାର୍ଡ ଡାଉନ୍‌ଲୋଡ୍ ହେବା ପାଇଁ ସମସ୍ୟା ଉପୁଜିଛି, ଯାହାର ପ୍ରମୁଖ କାରଣ ମୋବାଇଲ ନମ୍ବର ହୋଇଛି।

ପ୍ରକାଶ ଯେ, ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ଅନୁସାରେ କଟକ ଜିଲାରେ ନୂତନ ଭୋଟର ପଞ୍ଜୀକରଣ, ପୁରୁଣା ଭୋଟର ପରିଚୟପତ୍ର ସଂଶୋଧନ, ଭୋଟର ସହ ଆଧାର ସଂଯୋଗୀକରଣ ଆଦି କାର୍ଯ୍ୟ କରାଯାଉଛି। ପୂର୍ବରୁ ବର୍ଷକୁ ମାତ୍ର ଥରେ ଭୋଟର ପରିଚୟପତ୍ର ସଂକ୍ରାନ୍ତ କାର୍ଯ୍ୟ କରାଯାଉଥିଲା। ହେଲେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବର୍ଷକୁ ୪ ଥର ଏହି ସମସ୍ତ କାର୍ଯ୍ୟ କରାଯିବ। ପୂର୍ବରୁ କେବଳ ଜାନୁୟାରୀ ୧ ତାରିଖ ସୁଦ୍ଧା ବୟସ ୧୮ ବର୍ଷ ହେବା ବାଞ୍ଛନୀୟ ଥିଲା। ହେଲେ ଏଣିକି ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ମାସର ପହିଲା ସୁଦ୍ଧା ୧୮ ବର୍ଷ ହେଉଥିଲେ ସେମାନେ ଭୋଟର ତାଲିକାରେ ନିଜ ପଞ୍ଜୀକରଣ କରାଇବାର ସୁଯୋଗ ପାଇବେ। ଏବେ ନଭେମ୍ବର ୯ରୁ ଡିସେମ୍ବର ୮ ତାରିଖ ଯାଏ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ଏହାଦ୍ୱାରା ନୂତନ ଭୋଟର ପଞ୍ଜୀକରଣ ମାଧ୍ୟମରେ ଯୁବବର୍ଗ ନିଜ ନାମ ଭୋଟର ତାଲିକାରେ ସାମିଲ କରିବେ। ହେଲେ ଏସବୁ ମଧ୍ୟରେ ପୁରୁଣା ଭୋଟରମାନେ ଅଡୁଆରେ ପଡ଼ିଛନ୍ତି। ଆଗରୁ ଭୋଟର ତାଲିକା ଯେନତେନ ପ୍ରକାରେ ପ୍ରସ୍ତୁତ କରିଦିଆଯାଇଥିଲା। ମାତ୍ର ଏବେ ଆଧାର କାର୍ଡ ସହ ସଂଯୋଗ ହେଉଥିବାରୁ ନିଜ ନାମ, ବାପାଙ୍କ ନାମ, ଜନ୍ମ ତାରିଖ, ଠିକଣା ଆଦି ତଥ୍ୟରେ କୌଣସି ତାଳମେଳ ରହୁ ନ ଥିବା ପରିଲକ୍ଷିତ ହେଉଛି। ସେସବୁ ସଂଶୋଧନ କରିବା ପାଇଁ ଅବଶ୍ୟ ଅନ୍‌ଲାଇନ୍‌ରେ ସୁବିଧା ରହିଛି ଏବଂ ସରକାରୀ ଅଧିକାରୀ ବା କର୍ମଚାରୀମାନେ ମଧ୍ୟ ବିଭିନ୍ନ ଅଞ୍ଚଳକୁ ଯାଇ ଏହି କାର୍ଯ୍ୟ କରାଉଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଲା, ମୋବାଇଲ ଓଟିପି ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଆଧାର କାର୍ଡ ଅନ୍‌ଲାଇନ୍‌ରୁ ଡାଉନଲୋଡ୍ ହୋଇପାରୁଥିବାବେଳେ ଭୋଟର ପରିଚୟପତ୍ର କ୍ଷେତ୍ରରେ ସେପରି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇନାହିଁ। କେବଳ ନୂତନ ଭୋଟରମାନେ ଏକକ ମୋବାଇଲ ନମ୍ବର

### ଏକକ ମୋବାଇଲ ନ ଥିଲେ ମିଳୁନି ଅନ୍‌ଲାଇନ୍ ଭୋଟର କାର୍ଡ

ଯୋଡ଼ିଥିଲେ ଭୋଟର କାର୍ଡ ଡାଉନଲୋଡ୍ କରିପାରୁଛନ୍ତି। ଅର୍ଥାତ୍ ଏକାଧିକ ଲୋକଙ୍କ ଭୋଟର ପରିଚୟପତ୍ର ସହ ଗୋଟିଏ ମୋବାଇଲ ନମ୍ବର ସଂଯୋଗ ହୋଇଥିଲେ ଭୋଟର କାର୍ଡ ଅନ୍‌ଲାଇନ୍‌ରୁ ଡାଉନଲୋଡ୍ ହୋଇପାରୁନାହିଁ। ଅନେକ ପରିବାର ଅଛନ୍ତି ଯାହାଙ୍କ ପାଖରେ ଆଦୌ ମୋବାଇଲ ଫୋନ୍ ନାହିଁ ଅଥବା ଗୋଟିଏ ମାତ୍ର ମୋବାଇଲ ଫୋନ୍ ରହିଛି। ସେମାନଙ୍କ ପାଇଁ ଭୋଟର କାର୍ଡ ସହ ଏହି ଏକକ ମୋବାଇଲ୍ ସଂଯୁକ୍ତି ସ୍ୱପ୍ନ ପାଲଟିଛି। ଅନ୍ୟପକ୍ଷରେ ଏନେଇ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି, ସରକାରଙ୍କ ପକ୍ଷରୁ ଲୋକଙ୍କୁ ଭୋଟର ପରିଚୟପତ୍ର ଯୋଗାଇ ଦିଆଯାଉଛି। ତେବେ ଅନ୍‌ଲାଇନ୍‌ରେ ଭୋଟର କାର୍ଡ ଡାଉନ୍‌ଲୋଡ୍ ହେବା କେବଳ ନୂତନ ଭୋଟରଙ୍କ କ୍ଷେତ୍ରରେ ହେଉଛି। ପୁରୁଣା ଭୋଟରଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଯାହା ସରକାର କରିବେ ତାହା ଉପଲବ୍ଧ ହୋଇପାରିବ।

## ‘ଫଣ୍ଡ ରେଜିଂ ଜରିଆରେ କର୍କଟ ରୋଗୀଙ୍କୁ ସହାୟତା’



ଭୁବନେଶ୍ୱର,୨୬।୧୧

ସଦ୍‌ଗୁରୁ ହସ୍ପିଟାଲ କଟକ ଓ ଭୁବନେଶ୍ୱର ବିଭାନ୍ତା ହୋଟେଲର ମିଳିତ ସହଯୋଗରେ କର୍କଟ ରୋଗୀଙ୍କ ପାଇଁ ଏକ ଫଣ୍ଡରେଜିଂ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଶନିବାର ପାତ୍ରପଡ଼ାସ୍ଥିତ ବିଭାନ୍ତା ହୋଟେଲ ପରିସରରେ ଫଣ୍ଡରେଜିଂ ସହ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। କର୍କଟ ରୋଗୀଙ୍କ ଚିକିତ୍ସା ଲାଗି ଉକ୍ତ ଇଭେଣ୍ଟର ଆୟୋଜନ କରାଯାଇଥିଲା ବୋଲି ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି ମତପ୍ରକାଶ କରିଛନ୍ତି। ଏପରିକି କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭାନ୍ତା ହୋଟେଲ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପୋଲିସ ପ୍ରଶାସକ ଆର୍.ପି. କୋଚେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାଧାରଣ ରୋଗ ଭଳି ବର୍ତ୍ତମାନ କ୍ୟାନ୍‌ସର ମଧ୍ୟ ଏକ ମହାମାରୀ ଭାବେ ବୃଦ୍ଧି ଘଟିବାରେ ଲାଗିଛି। ଆର୍ଥିକ ସମ୍ବଳ ନ ଥିବା କାରଣରୁ ମଧ୍ୟ କର୍କଟ ରୋଗୀମାନେ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ୍ରଗ୍ସ କଣ୍ଟ୍ରୋଲର ସୁବୋଧ କୁମାର ନାୟକ, ଜାତୀୟ ମାନବାଧିକାର କମିଶନର ସଚିବ ଅଭିଜିତ ଦୀକ୍ଷିତ ଓ ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସଦ୍‌ଗୁରୁ ହସ୍ପିଟାଲର ଏଭଳି ଏକ ମହତ ଉଦ୍ଦେଶ୍ୟ ଏବଂ ରୋଗୀମାନଙ୍କୁ ଆର୍ଥିକ ସହାୟତାର ହାତ ବଢ଼ାଇବା ଲକ୍ଷ୍ୟ ନେଇ ଏହି ଫଣ୍ଡରେଜିଂ ଇଭେଣ୍ଟର ଆୟୋଜନ କରାଯାଇଥିଲା ବୋଲି ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ବର୍ତ୍ତମାନ ଦେଶ ଓ ରାଜ୍ୟରେ ରହିଥିବା କର୍କଟ ରୋଗର ସ୍ଥିତିକୁ ନେଇ ଏକ ରିପୋର୍ଟ ସଦ୍‌ଗୁରୁ ହସ୍ପିଟାଲର ଚିଫ୍ ଅନ୍‌କୋଲୋଜି ଡା. ସୌମ୍ୟରଞ୍ଜନ ମିଶ୍ର ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସେହିପରି ଡା. କୃପାସିନ୍ଧୁ ପଣ୍ଡା, ଡା. ସୁରେନ୍ଦ୍ରନାଥ ସେନାପତି, ଡା. ଦୀପ୍ତିରାଣୀ ସାମନ୍ତ, ଡା. ସାଗରିକା ସାମନ୍ତରାୟ କହିଥିଲେ, କର୍କଟ ରୋଗରେ ଆକ୍ରାନ୍ତ ଅନେକ ଲୋକ ଚିକିତ୍ସାରୁ ବଞ୍ଚିତ ହେଉଥିବା ବେଳେ ସଦ୍‌ଗୁରୁ ହସ୍ପିଟାଲର ଏଭଳି ଉଦ୍ୟମକୁ ସେମାନେ ପ୍ରଶଂସା କରିଥିଲେ। ଏଥିସହ ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ମହାନ୍ତିଙ୍କ ଅଧ୍ୟକ୍ଷତାରେ କର୍କଟ ରୋଗ ସହ ସଂଘର୍ଷ କରି ଜିତିଥିବା ୪ଜଣ ବ୍ୟକ୍ତିଙ୍କୁ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟରେ କର୍କଟ ରୋଗ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ରୋଗୀଙ୍କ ପାଇଁ ଫଣ୍ଡରେଜିଂ ଭଳି ଇଭେଣ୍ଟ ଆୟୋଜନ ପ୍ରଥମ କଥା ବୋଲି ସମ୍ମାନିତ କର୍କଟ ରୋଗୀମାନେ କହିଥିଲେ। ଶେଷରେ ଉପସ୍ଥିତ ଦର୍ଶକ ଓ ଅନ୍ୟମାନଙ୍କ ପାଇଁ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଲୋଏଲା ସ୍କୁଲର ଛାତ୍ରୀଛାତ୍ର, ସୁଇଟ୍ ପଏଜନ ବ୍ୟାଣ୍ଡ, ଭିଗ୍‌ନାସ୍ ବ୍ୟାଣ୍ଡଙ୍କ ସମେତ ଆଙ୍କର ଶୁଭମ ଇଭେଣ୍ଟର ପରିଚାଳନା ଦାୟିତ୍ୱ ସମ୍ଭାଳିଥିଲେ।

## ‘ରାଷ୍ଟ୍ରର ଏକତା, ଅଖଣ୍ଡତା ବଜାୟ ରଖ’



ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

କଟକ ଅଫିସ,୨୬।୧୧

କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇଯାଇଛି। ଆଇନ ପରାମର୍ଶଦାତା ଶ୍ୟାମସୁନ୍ଦର ଦାଶ ନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇ ପ୍ରତ୍ୟେକ ନାଗରିକ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଏଆଇଜି ତ୍ରିଲୋଚନ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଅଶୋକ ଦାସ ଯୋଗଦେଇ ଦେଶ ଗଠନରେ ଯୁବପିଢ଼ିର ଭୂମିକା ସମ୍ପର୍କରେ କହିଥିଲେ। ଏଥିରେ ଅଧାପିକା ଡ. ମୌସୁମୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର କର୍ମକର୍ତ୍ତା ଗଙ୍ଗାଧର ବେହେରା ଯୋଗଦେଇ ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍)ର ସ୍ୱେଚ୍ଛାସେବୀମାନେ ସମ୍ବିଧାନ ପାଳନ ଓ ପ୍ରଚାର ପ୍ରସାର ଦିଗରେ ବ୍ରତୀ ହେବାକୁ କହିଥିଲେ। ଅଧାପିକା ଶିବାନୀ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧକ୍ଷା ବିଶ୍ୱାଳ ଅଧାପିକା, ଅଧାପକ, ଛାତ୍ରୀ, ଏନ୍ଏସ୍ଏସ୍‌ର ସ୍ୱେଚ୍ଛାସେବୀଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ। ଡ. ଯୋଗମାୟା ପଣ୍ଡା ଧନ୍ୟବାଦ ଦେଇଥିଲେ।

ସେହିପରି କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ୍ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଟକ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ, ଆଇନଜୀବୀ ଓ ପାରା ଲିଗାଲ ଭଲ୍ୟୁଣ୍ଟରମାନେ ସମ୍ବିଧାନ ମୁଖବନ୍ଧ ପାଠ କରିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଉତ୍ସବ

କଟକ ଅଫିସ, ୨୬।୧୧

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଜୟନ୍ତୀ ଉତ୍ସବ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ମିଶନ ରୋଡ଼ସ୍ଥିତ ବୀରେନ ମିତ୍ର ପାର୍କରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ମନୋଜ ପଟ୍ଟନାୟକ, ଦୀପ୍ତି ରଞ୍ଜନ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଛାଟୋଇ, ଅରକ୍ଷିତ ସାହୁ, ଚଗଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ୍ସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଶିବିରରେ ଅତିଥି ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

କଟକ ଅଫିସ, ୨୬।୧୧

କଟକ ଲିଙ୍କ୍‌ରୋଡସ୍ଥିତ ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ୍ସ ଓ ଭୁବନେଶ୍ୱରର ଆମ୍ରି ହସ୍ପିଟାଲ୍ସର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କ୍ଲିନିକ୍ ପରିସରରେ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ୍ସର ଏହି ପ୍ରୟାସ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ହିତ ଲାଗି ଏକ ବଳିଷ୍ଠ ପଦକ୍ଷେପ। ଏହି ସମୟରେ ଆମ୍ରି ହସ୍ପିଟାଲ୍ସ ମୁଖ୍ୟ ତଥା ଉପାଧ୍ୟକ୍ଷ ନିଲାଞ୍ଜନା ମୁଖାର୍ଜୀ ଉପସ୍ଥିତ ଥିଲେ। ଶିବିରରେ ଡା. ସାଇ ସ୍ୱରୂପ, ମୋନିକା ଗୁପ୍ତା, ଦିବ୍ୟରଞ୍ଜନ ବେହେରା ପ୍ରମୁଖ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହି ଶିବିର ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ରୋଗର ବିଶେଷଜ୍ଞ ଓ ଡାକ୍ତର ଯୋଗଦେଇ ହୃଦ୍‌ରୋଗ, ଶିଶୁରୋଗ, ସ୍ନାୟୁ ରୋଗ, ଅସ୍ଥି ଶଲ୍ୟ, ଛାତି କଫ, ଚର୍ମ ରୋଗ ଚିକିତ୍ସା ପାଇଁ ପରାମର୍ଶ ଦେବେ। ଏଥିସହ ସମସ୍ତ ପ୍ରକାର ପରୀକ୍ଷା ଯଥା ଅଲଟ୍ରାସାଉଣ୍ଡ, ଡିଜିଟାଲ ଏକ୍ସରେ, ଇକୋ, ଇସିଜି, ଟିଏମ୍‌ଟି, ପିଏଫ୍‌ଟି, ଏଣ୍ଡୋସ୍କୋପି ତଥା ପାଥୋଲାବର ସୁବିଧା ରିହାତିରେ ଉପଲବ୍ଧ ହେବ। ଅନୁଷ୍ଠାନର ମୁଖ୍ୟ ସୋହା ମହାନ୍ତି, ଉପଦେଷ୍ଟା ଅନୁପ କିଶୋର ଦାସଙ୍କ ତତ୍ତ୍ୱାବଧାନରେ ସୁଦର୍ଶନ ଜେନା ଓ ମହମ୍ମଦ ଇବ୍ରାହିମ ଶିବିର ପରିଚାଳନା କରିଥିଲେ।

### ନାବାଳିକା ବଳାତ୍କାର ମାମଲା
## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କଟକ ଅଫିସ,୨୬।୧୧

ନାବାଳିକା ବଳାତ୍କାର ମାମଲାରେ କଟକ ଏଡିଜେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ଅଭିଯୁକ୍ତ ମଣ୍ଟୁ ମଲ୍ଲିକଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଚାରପତି ଗୟାଧର ପଣ୍ଡା ୧୨ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଜିଲା ଆଇନସେବା ପ୍ରାଧିକରଣକୁ ତୁରନ୍ତ ୫ ଲକ୍ଷ ଟଙ୍କା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ବାଲିକୁଦାର ମଣ୍ଟୁ ମଲ୍ଲିକଙ୍କର ସ୍ତ୍ରୀ ଓ ୩ଟି ଛୁଆ ଅଛନ୍ତି। ସେ ସାଲେପୁର ଅଞ୍ଚଳର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ମୋବାଇଲ ଫୋନ୍‌ରେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ। ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କୁ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ୨୦୧୯ ମେ’ ୧୯ ତାରିଖରେ ଅପହରଣ କରିନେଇଥିଲେ। ସେବେଠାରୁ ୨୦୧୯ ଡିସେମ୍ବର ୮ ପର୍ଯ୍ୟନ୍ତ ସେ ନାବାଳିକାଙ୍କୁ ନିଜ ଘରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଜଣକ ମଣ୍ଟୁ ବିବାହିତ ବୋଲି ଜାଣିବା ପରେ ସେଠାରୁ ଖସି ଆସିବା ସହ ନିଜ ଘରେ ପହଞ୍ଚି ମା’ବାପାଙ୍କୁ ଏ ବାବଦରେ ଜଣାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଏତଲା ଦିଆଯାଇଥିଲା। ସାଲେପୁର ଥାନା ଏସ୍ଆଇ ପ୍ରଭାକର ରାଉତ ମାମଲାର ତଦନ୍ତ ଶେଷ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏଡିଜେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ମାମଲାର ବିଚାର ଚାଲିଥିଲା। ସରକାରୀ ଓକିଲ ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

## ‘ବିଶ୍ୱକୁ ଧ୍ୱଂସରୁ ରକ୍ଷା କରିପାରିବ ଜାଗରଣ’

### ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜୟନ୍ତୀ

କଟକ ଅଫିସ, ୨୬।୧୧

ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜୟନ୍ତୀ ଓ ସମ୍ବିଧାନ ଦିବସ ଉପଲକ୍ଷେ ରବି ରାୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ଗାନ୍ଧୀଭବନଠାରେ ‘ଜଗତୀକରଣ ଓ ବିଶ୍ୱଯୁଦ୍ଧ’ ଶୀର୍ଷକ ଆଲୋଚନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇତିହାସକାର ହେମେନ୍ଦ୍ର ନାରାୟଣ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରତ୍ୟକ୍ଷ ଉପନିବେଶୀ ଶୋଷଣ ଥିଲା। ଏବେ ପରୋକ୍ଷ ଶୋଷଣ ଦ୍ୱାରା ବିଶ୍ୱକୁ ଅଶାନ୍ତ ଓ ଯୁଦ୍ଧମୁଖା କରାଯାଇଛି। ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟ ଦେଶପ୍ରେମର ଦ୍ୱାହି ଦେଇ ଆଜୀବନ କ୍ଷମତାସୀନ ହେବାକୁ ଚକ୍ରାନ୍ତ କରୁଛନ୍ତି। ବିଶ୍ୱର ଜନଗଣଙ୍କ ଏକତା ଓ ଜାଗରଣ ହିଁ ବିଶ୍ୱକୁ ଧ୍ୱଂସରୁ ରକ୍ଷା କରିପାରିବ। ରବି ରାୟ ଆରମ୍ଭରୁ ଜଗତୀକରଣ, ଘରୋଇକରଣ ଓ ଉଦାରୀକରଣକୁ ବିରୋଧ କରି ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି ବୋଲି ସେ କହିଥିଲେ। ଉକ୍ତ ସଭାରେ ବସ୍ତିନେତା ଖଗେଶ୍ୱର ସେଠୀ, ହରିଶ୍ ମହାପାତ୍ର, ଲକ୍ଷ୍ମୀ ମହାନ୍ତି, ଶିଶିର ଦାସ, ସୁକାନ୍ତ ନାୟକ, ସତ୍ୟ ରାୟ, ଯୁଗଳ କିଶୋର ନାୟକ, ଡଲି ଦାସ, ସି.ବି. ଶାସ୍ତ୍ରୀ, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧୀଭବନରେ ଅନୁଷ୍ଠିତ ଆଲୋଚନାସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ‘ଓଡ଼ିଆ ଭାଷା ପ୍ରତି ବୀରେନ୍‌ଙ୍କ ଗଭୀର ଅନୁରାଗ ଥିଲା’

### ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ ସମାରୋହ

କଟକ ଅଫିସ, ୨୬।୧୧

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଗଭୀର ଅନୁରାଗ ଥିଲା। ସମାଜର ଦୁର୍ବଳ ଶ୍ରେଣୀର ଉତ୍ଥାନ ନିମନ୍ତେ ମିତ୍ରଙ୍କର ଆନ୍ତରିକତା ଓ ସହନଶୀଳତା ଅନୁକରଣୀୟ। ସେ ଥିଲେ ଡ. ହରେକୃଷ୍ଣ ମହତାବ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜଣେ ଘନିଷ୍ଠ ସହଯୋଗୀ। ୧୯୬୩ ଅକ୍ଟୋବର ୨ରୁ ୧୯୬୫ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ରାଜନୀତି କ୍ଷେତ୍ରରେ ସେ ଯେଉଁ ସ୍ୱାକ୍ଷର ଛାଡ଼ିଯାଇଛନ୍ତି ତାହା ଆଗାମୀ ପିଢ଼ି ପାଇଁ ଆଦର୍ଶ ହୋଇ ରହିବ। କଟକ ସହରରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି।

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ରଙ୍କ ଜୟନ୍ତୀ ସମାରୋହ ସ୍ଥାନୀୟ ମିଶନ ରୋଡ଼ସ୍ଥିତ ବୀରେନ୍ ମିତ୍ର ପାର୍କ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ମିତ୍ର ତଳସ୍ତରର ବ୍ୟକ୍ତିଙ୍କୁ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବା ପାଇଁ ସୁଯୋଗ ଦେଉଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ, ମିତ୍ର ଥିଲେ ଦରଦୀ ଓ ସମ୍ବେଦନଶୀଳ ରାଜନେତା। ବିଧାୟକ ମହମ୍ମଦ ମୋକିମ କହିଥିଲେ, ମିତ୍ର କଟକ ସହରର ଜଣେ ବିରଳ ବ୍ୟକ୍ତିତ୍ୱ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କହିଥିଲେ, ପ୍ରସ୍ତାବିତ ସିଟି ହସ୍ପିଟାଲକୁ ବୀରେନ୍ ମିତ୍ର ସିଟି ହସ୍ପିଟାଲ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ଜିଲାପାଳଙ୍କୁ ମତାମତ ଓ ସୁପାରିସ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ସାମନ୍ତରାୟ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମେୟର ମଧୁସୂଦନ ସାହୁ, ଇଂ. ଚରଣ ସାହୁ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସୁ, ସାମାଜିକ କର୍ମୀ ଧର୍ମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଓ ମିତ୍ରଙ୍କ ନାତି ତଥା ଫାଉଣ୍ଡେଶନର ସାଧାରଣ ସମ୍ପାଦକ ସୋମିତ ମିତ୍ର ଧନ୍ୟବାଦ ଦେଇଥିଲେ।



ବୀରେନ୍ ମିତ୍ର ପାର୍କ ପରିସରରେ ଅନୁଷ୍ଠିତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ବୋଲଗଡ଼,୨୬।୧୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମ ନିକଟ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସାଗରଗୁଆଁ ପଞ୍ଚାୟତ ଜରିପଡା ଗ୍ରାମର ଧର୍ମାନନ୍ଦ ପ୍ରଧାନ(୫୫)। ସୂଚନା ମୁତାବକ, ଚିକିତ୍ସା ପାଇଁ ଧର୍ମାନନ୍ଦ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥର ରାଧାଗୋବିନ୍ଦ ଗ୍ୟାସ ଗୋଦାମ ନିକଟରେ ସେ ପହଞ୍ଚିଥିବା ବେଳେ ପଛ ପଟୁ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଫଳରେ ଧର୍ମାନନ୍ଦ ବାଇକରୁ ଛିଟିକି ତଳେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବୋଲଗଡ଼,୨୬।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭୀମପଡ଼ା ସ୍ଥିତ ଗିଭ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ ପର୍ବ ଭୀମପଡା ସ୍ଥିତ କାଳୀ ମନ୍ଦିରରୁ ମଶାଲ ଯାତ୍ରା ମାଧମରେ ଆରମ୍ଭ ହୋଇଥିଲା। ଏହା ପରେ ବିଦ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ସମ୍ପାଦକ ମହମ୍ମଦ ଆଜାଦ ମଶାଲକୁ ସ୍ୱାଗତ କରିବା ସହ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶନିବାର ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ କ୍ରୀଡ଼ାବିତ୍ ମିରଜା ଅର୍ସଦ ଅଲ୍ଲୀ ବେଗ, ସମ୍ପାଦକ ମହମ୍ମଦ ଆଜାଦ, ଉପାଧାକ୍ଷ ପ୍ରିୟବ୍ରତ ଦାଶ, ଶିକ୍ଷୟିତ୍ରୀ ପ୍ରମୋଦିନୀ ମହାପାତ୍ର, ଶିକ୍ଷକ ମହମ୍ମଦ ରିୟାଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ସନାତନ ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ହୋଇଥିଲା। ପ୍ରଭାସ ଷଡ଼ଙ୍ଗୀ, ଭାରତୀ ସ୍ୱାଇଁ, ପୁଷ୍ପଲତା ଚୌଧୁରୀ, ସଙ୍ଗୀତା ଶତପଥୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପାଧକ୍ଷ ପ୍ରିୟବ୍ରତ ଦାଶ ଧନ୍ୟବାଦ ଦେଇଥିଲେ।

### ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

**ଜଟଣୀ,୨୬।୧୧(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ସ୍ଥାନୀୟ ଲୋକକଲୋନିସ୍ଥିତ ମା'ଭଗବତୀ ମନ୍ଦିର ନିକଟରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୁଦିଆରୀବଜାର ମାଲଗୋଦାମ ଅଞ୍ଚଳର କାଲିଆ ଓରଫ ଅବଦୁଲ ମହମ୍ମଦ (୩୩), ରାଜାବଜାର ଅଞ୍ଚଳର ଇମଟୁ ଓରଫ ଏସ.କେ.ଇମିତିଆଜ(୨୫) ଏବଂ ରାଜାବଜାର ଖୁଣ୍ଟିଆ ବାବୁ ଅଞ୍ଚଳର ବାବୁ ଓରଫ ଆସଲାମ ଖାନ (୨୫)। ଏମାନଙ୍କ ଠାରୁ ୧୦.୦୪ଗ୍ରାମ ବ୍ରାଉନସୁଗାର, ୨ଟି ମୋବଇଲ ଫୋନ, ସ୍କୁଟି ଓ ୧୭୫୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୧୯/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

# ଅନାୟାସରେ ବଢ଼ିଚାଲିଛି ପକ୍ଷୀ ଶିକାର

## ୪ ଦିନରେ ୨୨ ମୃତ ବିଦେଶାଗତ ପକ୍ଷୀ ଜବତ

**ଖୋର୍ଦ୍ଧା ଅଫିସ,୨୬।୧୧**

ଶୀତଋତୁରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ପ୍ରାକୃତିକ ଜଳବାୟୁ ଏବଂ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀ ଚିଲିକାକୁ ଆସିଥାନ୍ତି। ତେବେ ଚିଲିକାର ବିଭିନ୍ନ ଅଞ୍ଚଳରେ ପକ୍ଷୀମାନେ ବିଚରଣ କରୁଛନ୍ତି। ଫଳରେ ଶିକାରୀମାନେ ବିଷ, ଫାଶ ଦ୍ୱାରା ଅବାଧରେ ପକ୍ଷୀ ଶିକାର କରୁଛନ୍ତି। ୪ ଦିନ ମଧ୍ୟରେ ୨୨ଟି ମୃତ ପକ୍ଷୀ ଜବତ ହୋଇଛି। ଗତ ୨୨ ତାରିଖରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଭୂଷଣ୍ଡପୁର ଜଣେ ଶିକାରୀଙ୍କୁ ଗିରଫ କରିଥିବା ବେଳେ ତାଙ୍କଠାରୁ ୨ଟି ବିଦେଶୀ ମୃତ ପକ୍ଷୀ ଜବତ କରିଥିଲା। ୨୫ ତାରିଖରେ ବ୍ରହ୍ମଗିରି ବନାଞ୍ଚଳ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଘଟକୁଡିରେ ଚଢ଼ାଉ କରି ୨୦ଟି ବିଦେଶୀ ମୃତ ପକ୍ଷୀଙ୍କୁ ବନ ବିଭାଗ ଜବତ କରିଥିଲା।

ସୂଚନାଥାଉ କି, ଶୀତଋତୁ ଆସିଲେ ଚାଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିଥାଏ। ନଳବଣ, କାଳୁପଡ଼ା ବଡ଼ଗୋଠ, ସାତପଡ଼ା, କୃଷ୍ଣପ୍ରସାଦ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ନଇରୀ ଆଦି ଅଞ୍ଚଳରେ ପକ୍ଷୀମାନେ ବିଚରଣ କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ୮୦ରୁ ୯୦ ପ୍ରଜାତିର ପ୍ରାୟ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଏଠାରେ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ୟୁଜୁନ, ବ୍ଲାକ ଟେଲ୍‌ଡ ଗଡ୍‌ୱିଟ, ନର୍ଦ୍ଦର୍ନ ପିଂଟେଲ, ଗଡ୍‌ୱାଲ, ବ୍ରାହ୍ମିନ ସେଲ୍‌ଡକ ଏବଂ ସୋଭଲର ଆଦି ପ୍ରଜାତି ସର୍ବାଧିକ ସଂଖ୍ୟାରେ ଆସିଛନ୍ତି। ମଙ୍ଗଳାଯୋଡ଼ିରେ ଲକ୍ଷାଧିକ ପକ୍ଷୀଙ୍କ ସମାଗମ ହୋଇଥାଏ। ପକ୍ଷୀଙ୍କ କଳରବ ସହ ନୀଳାମ୍ବୁ ଚିଲିକା ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ତେବେ ପକ୍ଷୀଙ୍କ ସୁରକ୍ଷା ଚିନ୍ତାଜନକ ବିଷୟ ହୋଇଛି। ପ୍ରତିବର୍ଷ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଚଢ଼ାଉ ସତ୍ତ୍ୱେ ଥମିବା ପରିବର୍ତ୍ତେ ଏହା ବଢ଼ିବାରେ ଲାଗିଛି। ବନ ବିଭାଗ କେତେଜଣଙ୍କୁ ଗିରଫ କରି ଚୁପ୍ ବସିପଡୁଛି। ପକ୍ଷୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ୍ କରାଯାଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା, ଢିଲା ପାଟ୍ରୋଲିଂ ଶିକାରକୁ ପ୍ରୋତ୍ସାହିତ କରୁଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀମାନେ ଫାଶ ଏବଂ ଖାଦ୍ୟରେ ବିଷ ଦେଇ ପକ୍ଷୀ ଶିକାର କରୁଥିବା ଦେଖିବାକୁ ମିଳିଛି। ଏନେଇ ପରିବେଶପ୍ରେମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବନ୍ୟପ୍ରାଣୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

### ଏମାନେ ଯାହା କୁହନ୍ତି...

"ବିଭାଗ ଅଧୀନରେ ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପାଟ୍ରୋଲିଂ କରାଯାଉଛି। ଏଥିସହିତ ହୋଟେଲରେ ଚଢ଼ାଉ କରାଯାଉଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବାଇକ୍ ଡିକି ଚେକିଂ ମଧ କରାଯାଉଛି। ଚିଲିକାରେ ଜେଟି, ଘରୋଇ ଡଙ୍ଗା, ଚିଲିକାରେ ମାଛ ମାରି ଫେରୁଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ମଧ ଚେକିଂ କରାଯାଉଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

- ଚୂଡ଼ାମଣି ମୁର୍ମୁ , ଟାଙ୍ଗୀ ରେଞ୍ଜର

"ପକ୍ଷୀଙ୍କ ସୁରକ୍ଷା ପାଇଁ ପ୍ରତି ଗ୍ରାମରେ ପକ୍ଷୀ ସୁରକ୍ଷା ସମିତି ଗଠନ କରାଯାଉ। ଏଥିରେ ପ୍ରକୃତି, ପରିବେଶ ପାଇଁ କାର୍ଯ୍ୟ କରୁଥିବା ଯୁବଗୋଷ୍ଠୀ, ସାମାଜିକ ଅନୁଷ୍ଠାନକୁ ମଧ ସାମିଲ କରାଯାଉ। ପକ୍ଷୀ ଶିକାରୀ ରାକେଟକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାକୁ ହେଲେ ସୁରକ୍ଷା ସମିତିର ନେଟ୍‌ୱର୍କକୁ ସୁଦୃଢ଼ କରିବାକୁ ହେବ, ଯାହାଦ୍ୱାରା ପ୍ରତି ସମୟରେ କେଉଁଠି କ'ଣ ଘଟୁଛି, ତାହା ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚିପାରିବ। ପକ୍ଷୀ ସୁରକ୍ଷା ସମିତି ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏହା ଫଳପ୍ରଦ ହୋଇପାରିବ।

-ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶ ବିଶେଷଜ୍ଞ

# ବସ୍ତି ଉଚ୍ଛେଦକୁ ବିରୋଧ କରି ଧାରଣା



ଧାରଣାରେ ବସିଥିବା ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

**ଜଟଣୀ,୨୬।୧୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଲୋକକଲୋନୀର ବସ୍ତିବାସୀ ଶନିବାର ବସ୍ତି ଉଚ୍ଛେଦକୁ ବିରୋଧ କରି ଧାରଣା ଦେଇଥିଲେ। ରେଲୱେ ଅଞ୍ଚଳର ବିକାଶ ପାଇଁ ରେଳ ପ୍ରଶାସନ ପକ୍ଷରୁ ରେଲୱେ ଅଞ୍ଚଳରେ ଥିବା ବସ୍ତିକୁ ଉଚ୍ଛେଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୦ ଲୋକକଲୋନୀ ମାଣିଆଛକ ବସ୍ତି ରେଳ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯିବାକୁ ବିରୋଧ କରି ଶହଶହ ବସ୍ତିବାସିନ୍ଦା ଧାରଣା ଦେଇଥିଲେ। କିଛି ମାସର ସମୟ ସହିତ ଜାଗା ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଧାରଣାରେ ବସ୍ତିବାସୀଙ୍କ ସହିତ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ୨୦୨୩ ମେ' ୧ ପର୍ଯ୍ୟନ୍ତ ସମୟ ଦେବା ପାଇଁ ଖୋର୍ଦ୍ଧାରୋଡ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକଙ୍କୁ ଅନୁରୋଧ ପତ୍ର ଦେବା ସହିତ ବର୍ତ୍ତମାନ ଉଚ୍ଛେଦ ବନ୍ଦ ପାଇଁ ଅନୁରୋଧ କରିଥିବା ଜଣାପଡ଼ିଛି।



**ବୋଲଗଡ଼:** ଭୀମପଡ଼ା ସ୍ଥିତ ଗିଭ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ପରିପ୍ରେକ୍ଷୀରେ ବାହାରିଥିବା ମଶାଲ ଶୋଭାଯାତ୍ରା।

# ଧଉଳିମୁହଁ ସାପ୍ତାହିକ ହାଟ ଖୋଲିଲା

## ୩ ପଞ୍ଚାୟତର ୧୫ ଗ୍ରାମବାସୀ ହେବେ ଉପକୃତ

**ଖୋର୍ଦ୍ଧା ଅଫିସ,୨୬।୧୧**

ଖୋର୍ଦ୍ଧା ବ୍ଲକ ଧଉଳିମୁହଁ ପଞ୍ଚାୟତର ଷ୍ଟେଶନ ବଜାରଠାରେ ଶନିବାର ପ୍ରଥମ ଥର ଲାଗି ସାପ୍ତାହିକ ହାଟ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ଶତ୍ରୁଘ୍ନ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଶନ ବଜାର ବଣିକ ସଂଘ ସଭାପତି ତୋଫାନ ଛୁଆଳସିଂ, ସମ୍ପାଦକ ପ୍ରଭୁ ପ୍ରସାଦ ପାଢଶାଣୀ ଓ ଅନ୍ୟ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଶନିବାର ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ୩୭ଟି ଦୋକାନ ଖୋଲିଥିଲା। ସେଥିମଧ୍ୟରୁ ଅଧିକାଂଶ ରହିଥିଲେ ପରିବା ବ୍ୟବସାୟୀ। ଏଥିସହିତ ମାଛ, ଶୁଖୁଆ ଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ, ବାସନକୁସନ ଆଦି ପସରା ମେଲିଥିଲା। ସାପ୍ତାହିକ ହାଟ ଖୋଲିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରଥମ ଦିନରେ ନିକଟ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ପୂର୍ବରୁ ଧଉଳିମୁହଁ ଗ୍ରାମବାସୀ ପନିପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଦୂରବାଜପୁର, ନରଣଗଡ଼ ଉପରେ ନିର୍ଭର କରୁଥିଲେ। ଏବେ ଏହି ହାଟ ଖୋଲିବା ଦ୍ୱାରା ତାପଙ୍ଗ, ବ୍ରଜମୋହନପୁର ଓ ନରଣଗଡ଼ ପଞ୍ଚାୟତର ପ୍ରାୟ ୧୫ ଗ୍ରାମର ଲୋକେ ଉପକୃତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ପଞ୍ଚାୟତ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ବେହେରା କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୬।୧୧**

ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସଂଘର ଏକ ପ୍ରତିନିଧି ଦଳ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ବାସଭବନରେ ଭେଟିଥିଲେ। ଖୋର୍ଦ୍ଧା ବ୍ଲକର ଶିକ୍ଷକମାନଙ୍କ ବିଭିନ୍ନ ଦାବି ଉପରେ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି ଉଚ୍ଛେଦ, ବର୍ଦ୍ଧିତ ହାରରେ ଦରମା, ଚାକିରୀ ପିରିୟଡ଼ରେ ସ୍ଥାୟୀ ନିଯୁକ୍ତି ପୂର୍ବରୁ ଛଅ ବର୍ଷ ଅବଧିକୁ ସାମିଲ, ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନସନ୍ ଲାଗୁ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟ ସଂଘ ନେତୃତ୍ୱରେ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର ଓ ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଗାଧୁ ସେଠୀ, କାର୍ଯ୍ୟକାରୀ କମିଟିର ସଦସ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଉପଦେଷ୍ଟା ସୁରେଶ ଚନ୍ଦ୍ର ବିଶ୍ୱାଳ, ଶିକ୍ଷକ ଅଭିରାମ ବେହେରା, ରତ୍ନାକର ରାଉତରାୟ, ସନ୍ତୋଷ କୁମାର ମହାପାତ୍ର, ଅଭିରାମ ପଣ୍ଡା, ମାନସ କୁମାର ପଣ୍ଡା, ଶିକ୍ଷୟିତ୍ରୀ ମମତା ରାଣୀ ବେହେରା, ଶୁଭଲକ୍ଷ୍ମୀ ଦାସ, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ସ୍ୱପ୍ନେଶ୍ୱର ପ୍ରଧାନ ଶିକ୍ଷକ ଅଜୟ କୁମାର ରାଉତରାୟ, ଦିବ୍ୟସିଂହ ସୁବୁଦ୍ଧି, ପ୍ରକାଶ କୁମାର ବିଶ୍ୱାଳ, ସନ୍ତୋଷ କୁମାର ବେହେରା, ବାମଦେବ ପାଇକରାୟ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜିଲା ଶିକ୍ଷା ଅଧିକାରୀଙ୍କ ରାମେଶ୍ୱର ସ୍କୁଲ ପରିଦର୍ଶନ

### ପରୀକ୍ଷା ବେଳେ ଫ୍ୟାନ ଖସି ଛାତ୍ରୀ ଆହତ ଘଟଣା

**ନିରାକାରପୁର,୨୬।୧୧(ଡି.ଏନ୍.ଏ.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସମ୍ମେଟିଭ ଆସେସ୍‌ମେଣ୍ଟ-୧ ପରୀକ୍ଷା ଚାଲିଥିବା ବେଳେ ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ହାଇସ୍କୁଲରେ ଫ୍ୟାନ୍ ଖସିପଡ଼ିବାରୁ ଛାତ୍ରୀ ମୋନାଲିସା ମହାନ୍ତି ଓରଫ୍ ରାନୀ ଆହତ ହୋଇଥିଲେ। ଚିକିତ୍ସା ପରେ ପୁଣି ପରୀକ୍ଷା ଦେଇଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶନିବାର ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ରାମେଶ୍ୱର ସ୍କୁଲରେ ପହଞ୍ଚି ଛାନଭିନ କରିଥିଲେ। ଏନେଇ ଶିକ୍ଷାଧିକାରୀ ତରାଇ କୁହନ୍ତି, ଆହତ ହୋଇଥିବା ରାନୀ ସୁସ୍ଥ ଅଛି। ବିଇଓ ଏବଂ ଏବିଇଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ତେବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

**ଖୋର୍ଦ୍ଧା ଅଫିସ,୨୬।୧୧:** ଖୋର୍ଦ୍ଧା ପୁରୁସାହି ସ୍ଥିତ ପଞ୍ଚାୟତ ଅଫିସ୍ ପରିସରରେ ଖୋର୍ଦ୍ଧା ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ୍ ଲିଗାଲ କମିଟି ଚେୟାରମ୍ୟାନ ଅଜୟ କୁମାର ପ୍ରଧାନ, ଖୋର୍ଦ୍ଧା ଜିଲା ବିଚାର ବିଭାଗୀୟ ନ୍ୟାୟଳୟର ସ୍ପେଶିଆଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଲୁକ୍ ଆଇନ ସେବା କମିଟିର ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ବାର୍ ଆସସିଏଶନର ସଭାପତି ବିଜୟ କୁମାର୍ ସାମନ୍ତସିଂହାର, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ଆଇନଜୀବୀ ହରି ନାରାୟଣ ସ୍ୱାଇଁ, ବିକ୍ରମ କେଶରୀ ଚମ୍ପତି, ସୁମନ୍ତ କୁମାର ମିଶ୍ର ଏବଂ ପୁରୁସାହିର ସରପଞ୍ଚ ସଂଘମିତ୍ରା ମହାପାତ୍ର ଉପସ୍ଥିତ ରହି ସମ୍ବିଧାନ ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ବେଗୁନିଆ,(ଡି.ଏନ୍.ଏ.):** ବେଗୁନିଆ ଥାନା ପରିସରରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନାର ସମସ୍ତ ଏସ୍‌ଆଇ, ଏଏସ୍‌ଆଇ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ରାଷ୍ଟ୍ରର ସମୃଦ୍ଧି ପାଇଁ ନିହାତି ଜରୁରୀ ନୀତିନିୟମ ଓ ବିଧିବିଧାନ। ତେବେ ଏହାର ସମୀକ୍ଷା ଓ ସୁପରିଚାଳନା ପାଇଁ ଗୁରୁତ୍ୱ ଦେବା ଆବଶ୍ୟକ। ସମୃଦ୍ଧ ରାଷ୍ଟ୍ର ଗଠନ କରିବାକୁ ହେଲେ ଉତ୍ତମ ସମ୍ବିଧାନ ତିଆରି ପାଇଁ ସଭିଏଁ ଆମେ ସଙ୍କଳ୍ପ କରିବା ବୋଲି ଶତପଥୀ କହିଥିଲେ।

**ଗମ୍ଭାରୀମୁଣ୍ଡା,(ଡି.ଏନ୍.ଏ.):** ବାଣପୁର ବଡ଼ ହନ୍ତୁଆଡ଼ରେ ସମ୍ବିଧାନ ଦିବସ ଏକତା ପରିଷଦ ଟ୍ରଷ୍ଟ, ଆମ୍ବେଡକର ସଂଘ ଓ ଜୟ ଭୀମ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଏକତା ପରିଷଦ ଟ୍ରଷ୍ଟର ସନ୍ଧ୍ୟା ଦେବୀ, ଜୟ ଭୀମ ସଙ୍ଗଠନର ଗୋପାଳ ନାୟକ, ଟିଟୁ ନାୟକ, ଆମ୍ବେଡକର ସଂଘର ସଭାପତି ଅରୁଣ ନାୟକ, ମହିଳା ହିଂସା ବିରୋଧୀ ଅଭିଯାନର ସୌଦାମିନୀ ଦେଇ, ଗୀତମୟୀ, ଟୁନି ଦାସ, କବିତା ପ୍ରଧାନ ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଗଣେଶ ନାୟକ, ତାରା ପ୍ରସାଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ନୃସିଂହାନନ୍ଦ




ପଣ୍ଡା ଅଧକ୍ଷତା କରିଥିଲେ। ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ଓ ମୌଳିକତା ଉପରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ସେହିପରି ସୁସ୍ଥ ଓ ସମୃଦ୍ଧ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ପ୍ରାଧାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ମଧୁସୂଦନ ସାହୁ, ଦୀନେଶ ରଥ, ଅଧାପିକା ଚନ୍ଦନା ନାୟକ, କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ଦିଲୀପ କୁମାର ଦଳାଇ, ରମାନାଥ ପ୍ରଧାନ, ସୁକାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ପରିଚୟ ଖୋଜୁଛି ଐତିହ୍ୟ ସହର ଖୋର୍ଦ୍ଧା

**ଖୋର୍ଦ୍ଧା ଅଫିସ,୨୬।୧୧**

ଲାଲ୍‌ମାଟିର ଗଡ଼ ଭାବେ ପରିଚିତ ଖୋର୍ଦ୍ଧାରୁ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇଂରେଜଙ୍କ ବିରୋଧରେ ପାଇକ ବୀରଙ୍କ ସଂଗ୍ରାମ ତଥା ବୀରତ୍ୱର ଗାଥାକୁ ନେଇ ଏହି ମାଟି ଗୌରବାନ୍ୱିତ। ଭାରତୀୟ ଇତିହାସରେ ଖୋର୍ଦ୍ଧାର ନାମ ଲିପିବଦ୍ଧ ରହିଛି। କଳା, ସଂସ୍କୃତି, ଭାସ୍କର୍ଯ୍ୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ସହ ଖୋର୍ଦ୍ଧା ନାଲି ଗାମୁଛାର ପ୍ରସିଦ୍ଧି ରହିଛି। ଏହି ଜିଲାରେ ବହୁ ପର୍ଯ୍ୟଟନସ୍ଥଳୀ ଥିବାବେଳେ ବିଭିନ୍ନ ଐତିହ୍ୟ କୀର୍ତ୍ତିରାଜି ଦେଖିବାକୁ ମିଳେ। ତେବେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳାରୁ ଖୋର୍ଦ୍ଧାର ବିକାଶ ଧିମେଇ ଯାଇଛି। ଦୀପତଳ ଅନ୍ଧାର ଭଳି ଖୋର୍ଦ୍ଧା ସହର ଅବହେଳିତ ଅବସ୍ଥାରେ ଥାଇ ନିଜ ହୃତ ଗୌରବଦୀପ୍ତ ପରିଚୟ ଖୋଜୁଛି।

### ପୁରାତନ କୀର୍ତ୍ତିରାଜି ଅବହେଳିତ

ଐତିହାସିକ ଖୋର୍ଦ୍ଧାଗଡ଼ ବିଲୁପ୍ତ ହେବାକୁ ବସିଛି। ଏଠାରେ ଇତିହାସର ପଦଚିହ୍ନ ସ୍ୱରୂପ ରହିଥିବା ଅନେକ ପୁରାତନ ମଠ, ମନ୍ଦିର ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ଗଡ଼ ପୁନରୁଦ୍ଧାର ସହ ପୁରାତନ କୀର୍ତ୍ତିରାଜିଗୁଡ଼ିକର ଉନ୍ନତୀକରଣ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ଐତିହ୍ୟର ମୂକସାକ୍ଷୀ ଭାବେ ବରୁଣେଇ ପାହାଡ଼ ଦଣ୍ଡାୟମାନ। ମା' ବରୁଣେଇ ଓ କରୁଣେଇ ଏଠାରେ ରହିଛନ୍ତି। ଗବେଷକଙ୍କ ମତରେ, ଦୁଇହଜାର ବର୍ଷ ତଳେ ଓଡ଼ିଆରେ ଲିଖିତ ଶିଳାଲେଖ ଓ ବୌଦ୍ଧ କୀର୍ତ୍ତି ଏଠାରେ ରହିଛି। ଏହାର ଚତୁଃପାର୍ଶ୍ୱ ଔଷଧୀୟ ଗୁଳ୍ମରେ ପରିପୂର୍ଣ୍ଣ। ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ହେଉନାହିଁ। ପାହାଡ଼ ସଂଲଗ୍ନ ଅଞ୍ଚଳରେ ପାଦଚଲା ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ବରୁଣେଇ ପାଦଦେଶରୁ ପାହାଡ଼ ଉପରକୁ ରୋପ୍‌ୱେ ଓ ପାହାଡ଼ ଉପରେ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଏହାର ଗୌରବ ବୃଦ୍ଧି ପାଇବ।

### ଜାତୀୟସ୍ତରୀୟ ମାନ୍ୟତାକୁ ଅପେକ୍ଷା

ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରୁ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଅନ୍ୟତମ। ଆସନ୍ତା ବର୍ଷ ଏହି ବିଦ୍ୟାଳୟ ୧୨୫ ବର୍ଷରେ ପଦାର୍ପଣ କରିବ। ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ସେତେବେଳେ ଏହି ବିଦ୍ୟାଳୟର ଅନେକ ଛାତ୍ର ସାମିଲ ହୋଇଥିଲେ। ବହୁ ଜନନାୟକ, ରାଜନୀତିଜ୍ଞ, ପ୍ରଶାସନିକ ଅଧିକାରୀ ଓ ସାହିତ୍ୟିକ ଏଠାରୁ ଶିକ୍ଷା ଗ୍ରହଣ କରି ଏହାର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ବିଶିଷ୍ଟ କବି ସ୍ୱର୍ଗତ ମାୟାଧର ମାନସିଂ, କବି ସ୍ୱର୍ଗତ ସଚ୍ଚି ରାଉତରାୟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ଅତୀତର ବହୁ ଇତିହାସକୁ ଜାବୋଡ଼ି ଧରିଥିବା ଏହି ଶିକ୍ଷାନୁଷ୍ଠାନକୁ ଜାତୀୟସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ହୋଇଆସୁଥିବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଏହି ବିଦ୍ୟାଳୟର ଖେଳପଡ଼ିଆ ଏକ ଘରୋଇ କ୍ରୀଡ଼ା ଅନୁଷ୍ଠାନ ହାତରେ ରହିଛି।

### ସ୍ୱପ୍ନରେ ଏକକ ବିଶ୍ୱବିଦ୍ୟାଳୟ

ଦିନେ ଶିକ୍ଷାର ପ୍ରଗତି ପାଇଁ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଏଠାରେ କଲେଜଟିଏ ଆରମ୍ଭ କରିଥିଲେ। ତାଙ୍କ ନାମାନୁସାରେ ପ୍ରାଣନାଥ ମହାବିଦ୍ୟାଳୟ ଗଢିଉଠିଛି। ଏହି ପୁରାତନ ତଥା ଐତିହ୍ୟସମ୍ପନ୍ନ ଶିକ୍ଷାନୁଷ୍ଠାନକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ମାତ୍ର ଏଥିପ୍ରତି ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ।

### ପାଇକ ସ୍ମାରକୀ ନିର୍ମାଣ ଭେଲିକି

ଓଡ଼ିଆ ଜାତିର ଅସ୍ମିତା ପାଇକ ବିଦ୍ରୋହର ଦୁଇଶତ ବାର୍ଷିକୀ ଅବସରରେ ୨୦୧୭ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷେ ବ୍ୟାପୀ ପାଇକ ବୀରଙ୍କ ବୀରତ୍ୱ ଗାଥା ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୩ବର୍ଷ ପରେ ବି ଏହାର କାର୍ଯ୍ୟ ଆଗେଇ ନାହିଁ। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏ କ୍ଷେତ୍ରରେ ଅନ୍ତରାୟ ହୋଇଛି।

### ଟୁଟୁନି କ୍ୟାବିନ ସମସ୍ୟା

ପ୍ରଶାସନ ପାଇଁ ଅନ୍ୟତମ ମୁଣ୍ଡବ୍ୟଥା କାରଣ ହେଉଛି କ୍ୟାବିନ ସମସ୍ୟା। ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡ଼ି ପଟ୍ଟି, ଏସ୍‌ବିଆଇ ଛକ ପର୍ଯ୍ୟନ୍ତ କ୍ୟାବିନଗୁଡ଼ିକ ରହିଛି। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଧରି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ବାରମ୍ବାର ଦାବି ହେଉଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ରାସ୍ତା ସଙ୍କୁଚିତ ହୋଇ ଯାତାୟାତରେ ସମସ୍ୟା ଉପୁଜୁଛି।

### ସମନ୍ୱୟର ଅଭାବ

ଜିଲାରେ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଚିଲିକା, ବେଗୁନିଆ, ଖୋର୍ଦ୍ଧା ଓ ଜଟଣୀ ନିର୍ବାଚନମଣ୍ଡଳୀ ପ୍ରାୟ ପାଖାପାଖି ରହିଛି। ଜଟଣୀକୁ ବାଦ୍ ଦେଲେ ସମସ୍ତ ବିଧାୟକ ଶାସକ ବିଜେଡିର। ଏହାସତ୍ତ୍ୱେ ସ୍ୱର ଦୃଢ଼ ହୋଇପାରୁନାହିଁ। ଫଳରେ ବିକାଶ ପ୍ରଭାବିତ ହେଉଛି। ଏଥିଲାଗି ସମନ୍ୱୟ ଅଭାବକୁ ସାଧାରଣରେ ଦାୟୀ କରାଯାଉଛି।

ଅନ୍ୟପକ୍ଷରେ ଏନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଖୋର୍ଦ୍ଧାର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ଖୁବଶୀଘ୍ର କ୍ୟାବିନ ସମସ୍ୟାର ସମାଧାନ କରାଯିବ। ସେହିପରି ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ଆଗାମୀ ଦିନରେ ଖୋର୍ଦ୍ଧାର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ତଥା ନିର୍ମାଣାଧୀନ ପ୍ରକଳ୍ପ କାମ ତୁରନ୍ତ ସାରିବାକୁ ଚେଷ୍ଟା କରାଯିବ। ମୁକ୍ତା ଯୋଜନାରେ ବହୁ ଉନ୍ନୟନ କାର୍ଯ୍ୟ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ବରୁଣେଇ ପୀଠ ଓ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଗୁରୁତ୍ୱ ଦିଆଯିବ।




୨୬।୧୧।୨୦୨୨

| ୫,୬୭, ୨୭୨ ଟଙ୍କା | |
|---|---|
| ସୁନା | ୨.୬୪୦ ଗ୍ରାମ |
| ରୁପା | ୧୫.୬୦୦ ଗ୍ରାମ |

# ପ୍ରଭାବଶାଳୀଙ୍କୁ ଜେରା ପାଇଁ ଦିଲ୍ଲୀ ମୁଖ୍ୟାଳୟରେ ବ୍ଲୁ ପ୍ରିଣ୍ଟ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

- ତଦନ୍ତକାରୀ ଟିମ୍‌କୁ ଆସିଛି ଡାକରା
- ୩୭ ଲକ୍ଷର ଆର୍ଥିକ କାରବାର ଧରିଛି ଇଡି
- ଜେରାବେଳେ ସହଯୋଗ କରି ନ ଥିଲେ ଖଗେଶ୍ୱର



ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡେ ଲମ୍ବିଛି ତାହାର ଖୋଳତାଡ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। କମ୍ ସମୟ ଭିତରେ ଅମାପ ସମ୍ପତ୍ତିର ମାଲିକାଣୀ କିପରି ହେଲେ ତାହାର ଟିକିନିଖି ତଥ୍ୟ ଯୋଗାଡ କରିବାକୁ ଉଦ୍ୟମ ଚଳାଇଛି। କେଉଁ ବଡ଼ବଡ଼ିଆ ଅର୍ଚ୍ଚନାଙ୍କ ହନିଟ୍ରାପ୍‌ର ମାୟାଜାଲରେ ଫସି ବିପୁଳ ଟଙ୍କା ଓ ସମ୍ପତ୍ତି ଦେଇଛନ୍ତି, ସେ କେଉଁ ପ୍ରଭାବଶାଳୀ ଅଫିସ ତଥା କ୍ଷମତାଶାଳୀ ନେତାଙ୍କ ସାହସରେ ଏପରି କଳାସାମ୍ରାଜ୍ୟ ବିସ୍ତାର କରି ଚାଲିଥିଲେ ତାହାର ତାଲିକା ଲମ୍ବି ଚାଲିଛି। ଅର୍ଚ୍ଚନାଙ୍କ ବିଜ୍‌ନେସ ପାର୍ଟନର ଖଗେଶ୍ୱର ପାତ୍ର, ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ବେହେରା, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ବ୍ୟବସାୟୀ ଅମିୟକାନ୍ତ, ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧର ସାମଲଙ୍କୁ ଜେରାରୁ ଏ ସଂକ୍ରାନ୍ତରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ଇଡି। ଆଗକୁ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ସମ୍ପୃକ୍ତ ପ୍ରଭାବଶାଳୀଙ୍କୁ କିପରି ଜେରା କରାଯିବ ସେନେଇ ଇଡି ପକ୍ଷରୁ ଦିଲ୍ଲୀ ମୁଖ୍ୟାଳୟରେ ବଡ଼ ପ୍ରସ୍ତୁତି ଆରମ୍ଭ ହୋଇଛି। ଇତିମଧ୍ୟରେ ମୁଖ୍ୟାଳୟରୁ ତଦନ୍ତକାରୀ ଟିମ୍‌କୁ ଡାକରା ଆସିଛି। ଉକ୍ତ ଟିମ୍ ତଦନ୍ତ ଓ ଜେରାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବ। ସେହି ଆଧାରରେ ବ୍ଲ୍ୟୁ ପ୍ରିଣ୍ଟ ପ୍ରସ୍ତୁତ କରି ଆସନ୍ତା ସପ୍ତାହରେ କ୍ଷମତାଶାଳୀ ଓ ପ୍ରଭାବଶାଳୀଙ୍କୁ ଇଡି ଜେରା କରିପାରେ ବୋଲି ସୂଚନା ମିଳିଛି। ପ୍ରାଥମିକ ଖୋଳତାଡ ଭିତରେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱରଙ୍କ ୩୭ଲକ୍ଷ ଟଙ୍କାର କାରବାର ତଥ୍ୟ ସଂଗ୍ରହ କରିଛି। ତେବେ ତାହା ବେଆଇନ କି ନୁହେଁ ସେ ସମ୍ପର୍କରେ ଇଡି ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ୨ଥର ରିମାଣ୍ଡରେ ଆସିଥିବା ଖଗେଶ୍ୱର ଜେରାବେଳେ ଇଡିକୁ ସହଯୋଗ କରି ନ ଥିଲେ। ୩ୟଥର ପାଇଁ ରିମାଣ୍ଡ ଆବେଦନ ପିଟିଶନରେ ଇଡି ଏହା ଦର୍ଶାଇଥିଲା। ହେଲେ କୋର୍ଟ ରିମାଣ୍ଡ ଅନୁମତି ଦେଇ ନ ଥିବାରୁ ଇଡି ପୁଣି କେତେବେଳେ ଖଗେଶ୍ୱରଙ୍କୁ ରିମାଣ୍ଡରେ ଆଣି ଜେରା କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ନାଗ-ଚାନ୍ଦ ଦମ୍ପତି ୮୩ଲକ୍ଷ ଟଙ୍କାର ଲ୍ୟାଣ୍ଡ୍ ରୋଭର ଗାଡି କିଣିବାକୁ ଯୋଜନା କରିଥିଲେ। ଏଥିପାଇଁ ୩୫ ଲକ୍ଷ ୧୧ ହଜାର ଟଙ୍କା ପୈଠ କରି ଅଗ୍ରିମ ବୁକିଂ କରିଥିଲେ। ପରବର୍ତ୍ତୀ ସମୟରେ ବୁକିଂ ବାତିଲ କରିଦେବାରୁ ଉକ୍ତ ଟଙ୍କାକୁ ଅର୍ଚ୍ଚନାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଶୋ'ରୁମ୍ ମାଲିକ ତଥା ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧର ସାମଲ ଜେରା ପରେ ଗଣମାଧ୍ୟମକୁ କହିଥିଲେ। ହେଲେ ଏହାର ସତ୍ୟତାକୁ ଇଡି ଅଧିକାରୀମାନେ ଯାଞ୍ଚ କରିବା ସହ ଅନ୍ୟ ଦାମୀ ତଥା ବିଳାଶମୟ ଗାଡ଼ି, ଘର, ଜମି ଆଦି ସମ୍ପତ୍ତି କରିବାରେ ନାଗ-ଚାନ୍ଦ ଦମ୍ପତି ଏତେ ଟଙ୍କା କୁଆଡୁ ହାତେଇଥିଲେ ତାହାର କିଛିଟା ଲିଙ୍କ୍ ପାଇଛି ଇଡି ଟିମ୍। ତେଣୁ ଆଗକୁ ନାଗ ସାମ୍ରାଜ୍ୟର ନିଅନ୍ତା ବା ସୁରକ୍ଷାକର୍ତ୍ତାଙ୍କୁ ଜେରା କରି ଅସଲ ଗୁମର ଖୋଲିବାକୁ ଇଡି ବଡ଼ ପ୍ରସ୍ତୁତି ଆରମ୍ଭ କରିଥିବାରୁ ତାହାକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

# ୨ ଟ୍ରଲର, ୫ କୁଇଣ୍ଟାଲ ମାଛ ଜବତ



## ଚନ୍ଦ୍ରଭାଗା କୂଳରେ ହେଲା ମାଛ ନିଲାମ

କୋଣାର୍କ, ୨୬।୧୧(ଡି.ଏନ୍.ଏ.)

ଅସ୍ତରଙ୍ଗ ଦେବୀନଦୀ ମୁହାଣର ନିଷିଦ୍ଧାଞ୍ଚଳରେ ଟ୍ରଲର ଚଲାଇ ମାଛ ଧରିବାବେଳେ ଶନିବାର ୨ ଟ୍ରଲର ଏବଂ ୫ କୁଇଣ୍ଟାଲ ମାଛକୁ ମତ୍ସ୍ୟ ବିଭାଗ ଓ ବନ ବିଭାଗ ଧରିଥିଲେ। ଟ୍ରଲର ୨ଟି ହେଲା ଆଇଏନ୍‌ଡି ଓଆର୍ ୦୫ ଏମ୍‌ଏମ୍ ୫୬ ଏବଂ ଆଇଏନ୍‌ଡି ଓଆର୍ ୦୪ ଏମ୍‌ଏମ୍ ୨୨୫। ଫଳରେ ମତ୍ସ୍ୟଜୀବୀ ଧରିଥିବା ୫ କୁଇଣ୍ଟାଲ ମାଛକୁ ଚନ୍ଦ୍ରଭାଗା କୂଳରେ ଥିବା ତେଲୁଗୁ ବସ୍ତିରେ ବିନା ନିଲାମରେ ୧୫ ହଜାରରେ ବିକ୍ରି କରିଥିବା ସୂଚନା ରହିଛି। ସୂଚନା ମୁତାବକ, ବର୍ତ୍ତମାନ ଅଲିଭ ରିଡ଼ଲେ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ସମୁଦ୍ର ଭିତରୁ ମାଛ ଧରିବା ପାଇଁ ଟ୍ରଲରଗୁଡିକୁ ବାରଣ ରହିଛି। ସେଥିପାଇଁ ପ୍ରତି ଟ୍ରଲର ପିଛା ୭ ହଜାର ଟଙ୍କା ଟ୍ରଲର ମାଲିକଙ୍କୁ ଦିଆଯାଏ। କିନ୍ତୁ ଟ୍ରଲର ମାଲିକ ଟଙ୍କା ନେବା ପରେ ମଧ୍ୟ ଚୋରାରେ ନିଷିଦ୍ଧାଞ୍ଚଳରୁ ବେଆଇନ ଭାବେ ମାଛ ଧରିଥାନ୍ତି। ତେବେ ଶନିବାର ମତ୍ସ୍ୟ ବିଭାଗ ଓ ବନ ବିଭାଗର ପାଟ୍ରୋଲିଂ ସମୟରେ ନିଷିଦ୍ଧାଞ୍ଚଳରେ ୨ଟି ଟ୍ରଲର ମାଛ ଧରୁଥିବାବେଳେ ଧରାପଡିଛନ୍ତି। ଅସ୍ତରଙ୍ଗ ନୂଆଗଡ଼ ତଟରକ୍ଷୀ ବାହିନୀ ଓ କୋଣାର୍କ ତଟରକ୍ଷୀ ବାହିନୀ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଥିବାବେଳେ କୋଣାର୍କ ଅସ୍ତରଙ୍ଗ ବନଖଣ୍ଡ ଅଧିକାରୀ ଏହାର ତଦନ୍ତ ଚଳାଇଛନ୍ତି। ଏପରି ବେଆଇନ ଟ୍ରଲର ପାଇଁ ଅଲିଭ ରିଡଲେ କଇଁଛମାନେ ବଳି ପଡୁଛନ୍ତି। ତେବେ କିଛିଦିନ ହେବ ପୁରୀଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଅଲିଭ ରିଡଲେ କଇଁଛଙ୍କର ଅଣ୍ଡା ଦେବା ବନ୍ଦକୁ ନେଇ ପରିବେଶବିତ୍ ଚିନ୍ତାରେ ରହିଛନ୍ତି। ଏହିପରି ୨ ବିଭାଗ ଆଗାମୀ ଦିନରେ ଚଢ଼ାଉ ଜାରି ରଖିବା ପାଇଁ ପରିବେଶବିତ୍ ଦାବି କରିଛନ୍ତି।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ୩ କମିଟି ଗଠନ

ଡେଲାଙ୍ଗ, ୨୬।୧୧ (ଡି.ଏନ.ଏ.)- ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶମନ ପକ୍ଷରୁ ପ୍ରଶିକ୍ଷଣ ଶିବିର ଧାନକେରା ପଞ୍ଚାୟତର ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଓ ଗୋପୀନାଥ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଡିଓ ଦିଲୀପ କୁମାର ଷଡଙ୍ଗୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ, ଜିଲା ସଂଯୋଜକ ଆଶୁତୋଷ ଦାଶ, ସରପଞ୍ଚ ମୀନାକ୍ଷୀ ମହାପାତ୍ର, ଯୁବକ ସଂଘ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ସମିତିସଭ୍ୟ ରିତାଲିନ୍ ବେହେରା, ଆର୍‌ଆଇ ଅନିତା ମହାନ୍ତି, ଏଏନ୍‌ଏମ୍ ଶକୁନ୍ତଳା ପରିଡା, ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା ଓ ରକ୍ଷଣା ବେକ୍ଷଣା, ଉଦ୍ଧରାକାରୀ ଦଳ, ପ୍ରାଥମିକ ଚିକିତ୍ସାକାରୀ ଦଳକୁ ନେଇ ୩ଟି କମିଟି ଗଠନ କରାଯାଇଥିଲା। ପ୍ରତ୍ୟେକ କମିଟିରେ ୨୫ ଜଣ ଲେଖାଏ ସଦସ୍ୟ ରହିଥିବା ବେଳେ ଏହି କମିଟର ସଭାପତି ସରପଞ୍ଚ ମୀନାକ୍ଷୀ ମହାପାତ୍ର ଓ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁଙ୍କୁ ଚୟନ କରାଯାଇଥିଲା। ବନ୍ୟା ଓ ବାତ୍ୟା ସମୟରେ କିପରି ଭାବେ ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା, ଆହତଙ୍କୁ ଜରୁରୀ ପ୍ରାଥମିକ ଚିକିତ୍ସା ଦେବା, ଯାତାୟାତ ବିଚ୍ଛିନ୍ନକୁ ସୁଧାର କରିବା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ହିମାଂଶୁ ମହାପାତ୍ର, ଶୁଭଲକ୍ଷ୍ମୀ ସେନାପତି, ଜ୍ୟୋତିରଞ୍ଜନ ମହାପାତ୍ର ଓ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷକମାନେ ମହିଳା ଓ ପୁରୁଷ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାୟୋଜିତ ପ୍ରଶିକ୍ଷଣ ଦେଇଥିଲେ।

### ପୁରୁଷ ବନ୍ଧ୍ୟାକରଣ ନେଇ ବୁଲିଲା ସଚେତନତା ରଥ

ଗୋପ, ୨୬।୧୧(ଡି.ଏନ.ଏ.)- ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ସରକାର ପୁରୁଷ ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ମୁଖ୍ୟତଃ ଜନସଂଖ୍ୟା ରୋକିବାରେ ସୁଧାର ଆସିବ ବୋଲି ଶୁକ୍ରବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୁରୁଷ ବନ୍ଧ୍ୟାକରଣ ନିମନ୍ତେ ବାହାରିଥିବା ସଚେତନତା ରଥକୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆଫ୍ରୋଜ ଉଦ୍‌ଘାଟନ କରିବା ସହ ଉପସ୍ଥିତ ସାଧାରଣଙ୍କୁ ସଚେତନ କରିଥିଲେ। ପ୍ରକାଶ ଯେ, ଅନ୍ୟ ଦେଶ ଅପେକ୍ଷା ଆମ ଦେଶରେ ଜନସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ମଧ୍ୟ ନେଉଛନ୍ତି। ମହିଳାମାନେ ବନ୍ଧ୍ୟାକରଣ ନିମନ୍ତେ ଉତ୍ସାହିତ ଥିବାବେଳେ ପୁରୁଷ ବନ୍ଧ୍ୟାକରଣ ସେତେଟା ଆଖିଦୃଶିଆ ହେଉ ନାହିଁ। କିନ୍ତୁ ପୁରୀ ଜିଲା ଗୋପ ବ୍ଲକ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୩ ମାସ ମଧ୍ୟରେ ୧୩୨ଜଣ ମହିଳା ବନ୍ଧ୍ୟାକରଣରେ ସାମିଲ ହୋଇଥିବା ବେଳେ ପୁରୁଷ ବନ୍ଧ୍ୟାକରଣ ଶୂନ୍ୟ ରହିଛି। ସରକାର ମଧ୍ୟ ପୁରୁଷ ବନ୍ଧ୍ୟାକରଣ ନିମନ୍ତେ ପ୍ରୋତ୍ସାହନ ରାଶି ରଖିଛନ୍ତି। ରାଜ୍ୟ ସରକାର ନଭେମ୍ବର ୨୧ ତାରିଖରୁ ଡିସେମ୍ବର ୨୪ ପର୍ଯ୍ୟନ୍ତ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସ୍ଥାୟୀ ପଦ୍ଧତି(ଏନ୍‌ଏସ୍‌ଭି)ରେ ପାଳନ କରୁଥିବା ବେଳେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ପୁରୁଷ ବନ୍ଧ୍ୟାକରଣ ନେଇ ଗୋପରେ ସଚେତନତା ରଥ ବୁଲିଥିବା ବେଳେ ଲୋକମାନଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ରାଜେଶ ପାଇକରାୟ, ମନୋରଞ୍ଜନ ମହାନ୍ତି, ସମ୍ପଦ ପ୍ରଧାନ, ସୁଶାନ୍ତ ରାଉତ, କୃତିବିଭା ମହାନ୍ତି, ସୌଭାଗିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ମହାପ୍ରଭୁଙ୍କ ଘୋଡ଼ ଲାଗି ନିମନ୍ତେ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବସ୍ତ୍ର ସିଲେଇ କରୁଛନ୍ତି।

# ମହାପ୍ରଭୁଙ୍କ ନିମନ୍ତେ ଘୋଡ଼ ବସ୍ତ୍ର ପ୍ରସ୍ତୁତି

ପୁରୀ ଅଫିସ, ୨୬।୧୧

ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ଓଢ଼ଣ ଷଷ୍ଠୀ ତଥା ପ୍ରାବରଣ ଷଷ୍ଠୀଠାରୁ ମହାପ୍ରଭୁ ଶୀତ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ଘୋଡ଼ ଲାଗି ହେବେ। ମହାପ୍ରଭୁ ଶୀତ ନିକଟରୁ ହାରି ଓଢ଼ଣ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିବେ। ଏଥିପାଇଁ ଶ୍ରୀମନ୍ଦିର ଦରଜୀ ସେବକ ମହାପ୍ରଭୁଙ୍କ ନିମନ୍ତେ ଶୀତବସ୍ତ୍ର ବା ଘୋଡ଼ ପ୍ରସ୍ତୁତ କରିଥାନ୍ତି। ମହାପ୍ରଭୁଙ୍କ ଘୋଡ଼ ଲାଗି ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ଗୀତଗୋବିନ୍ଦ ପାଟ, ପତନୀ ଓ ସୂତାପଟ ଯୋଗାଇ ଦିଆଯାଇଥାଏ। ଦେଉଳ କରଣଙ୍କ ନିର୍ଦ୍ଦେଶକ୍ରମେ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ଏହି ଘୋଡ଼ (ଶୀତବସ୍ତ୍ର) ତିଆରି କରୁଛନ୍ତି। ଆସନ୍ତା ୨୯ ତାରିଖରେ ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହେବ। ପ୍ରସ୍ତୁତ କରାଯାଇଥିବା ଏହି ନୂତନ ଘୋଡ଼ଗୁଡ଼ିକ ମହାପ୍ରଭୁଙ୍କ ସେବାରେ ଲାଗିବ। ଘୋଡ଼ଗୁଡ଼ିକୁ ପ୍ରସ୍ତୁତ କରିବା ନିମନ୍ତେ ୨୨ ହାତିଆ ଗଡା ସୂତାପଟ, ପତନି ଏବଂ ଗୀତଗୋବିନ୍ଦ ପାଟ ଆବଶ୍ୟକ ହୋଇଥାଏ। ଏଥିରେ ୧୬ ହାତିଆ ୪ ପଟିଆ କନା ୪ଟି, ୧୧ ହାତିଆ ୪ ପଟିଆ ୨ଟି, ୭୨ ହାତିଆ ପଟିଆ କନା ଗୋଟିଏ, ୩୬ ହାତିଆ ପଟିଆ କନା ୨ଟି, ଥୋଡ଼ ପାହାଡ଼ିଆ ୩ଟା, ଖଟ ପାଛୁଡ଼ି ୩ଟି, ଏବଂ ଫୁଲଛେଦ ୨ଟି ଲେଖାଏ ପ୍ରସ୍ତୁତି ହୋଇଥାଏ। ଶ୍ରୀବିଗ୍ରହଙ୍କ ସମେତ ଅନେକ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ଘୋଡ଼ ପ୍ରସ୍ତୁତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ନିମନ୍ତେ ଗୀତଗୋବିନ୍ଦ ପାଟରେ ଘୋଡ଼ ପ୍ରସ୍ତୁତ କରାଯାଇଥାଏ। ସେହିପରି ସୂର୍ଯ୍ୟ, ଗରୁଡ଼, ମନ୍ଦିର ଭିତର ନୃସିଂହ, ଗୁଣ୍ଡିଚା ମନ୍ଦିର ପାଖ ନୃସିଂହ ଏବଂ କାକୁଡ଼ିଖାଇ ମା' କାକୁଡି ଖାଇ ଓ ପାର୍ଶ୍ୱଦେବଦେବୀଙ୍କ ନିମନ୍ତେ ମଧ୍ୟ ଘୋଡ଼ ପ୍ରସ୍ତୁତ କରାଯାଇଛି। ଏହି ଘୋଡ଼ଗୁଡ଼ିକରେ ପତନୀ କନା ଓ ସୂତାପଟକୁ ବ୍ୟବହାର କରାଯାଇଛି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ପୁରୀ ଅଫିସ, ୨୬।୧୧

୫-ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର ସକାଳେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ସଚିବ ପାଣ୍ଡିଆନ ଏବଂ ତାଙ୍କ ସହଧର୍ମିଣୀ ସୁଜାତା ପାଣ୍ଡିଆନ ସକାଳେ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଶ୍ରୀମନ୍ଦିର ଭିତରେ କିଛି ସମୟ ଅତିବାହିତ କରିବା ପରେ ପ୍ରସ୍ଥାନ କରିଥିଲେ। ଏହାପରେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିର ଚାରିପାଖରେ ଚାଲୁଥିବା ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ।

# ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୬।୧୧:

ହିତାଧିକାରୀଙ୍କ ଭତ୍ତା ଟଙ୍କା ବୃଦ୍ଧି ପାଇଁ ଓଡ଼ିଶା ରାଜ୍ୟ ଭତ୍ତା ମହାସଂଘ ଦାବି କରିଛି। ଏନେଇ ମହାସଂଘ ପକ୍ଷରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ମହାସଂଘର ଆବାହକ ମନୋଜ କୁମାର ପ୍ରଧାନ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଭତ୍ତା ବୃଦ୍ଧି ପାଇଁ ୨୦୧୮ରୁ ଏପର୍ଯ୍ୟନ୍ତ ସରକାରଙ୍କୁ ଦାବି କରାଯାଇଆସୁଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟ ରାଜ୍ୟ ଅପେକ୍ଷା ଆମ ରାଜ୍ୟରେ ଭତ୍ତାଧିକାରୀମାନେ କମ୍ ଟଙ୍କା ପାଉଛନ୍ତି, ଯାହା ସମୁଦ୍ରକୁ ଶଙ୍ଖ ସଦୃଶ। ଏତେ କମ୍ ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ଭତ୍ତା ଟଙ୍କା ବୃଦ୍ଧି ସହ ବ୍ୟାଙ୍କକୁ ନ ଯାଇ ଗ୍ରାମ ପଞ୍ଚାୟତ ଗୃହ କିମ୍ବା ପ୍ରତ୍ୟେକ ୱାର୍ଡ଼ରେ ଭତ୍ତା ଟଙ୍କା ପ୍ରଦାନ କରାଗଲେ ଭତାଧିକାରୀମାନେ ଉପକୃତ ହେବେ। ନଚେତ ଭତ୍ତାଧିକାରୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଧାନ କହିଛନ୍ତି।

# ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପରଲୋକ

ବ୍ରହ୍ମଗିରି, ୨୬।୧୧(ଡି.ଏନ.ଏ.)

ବ୍ରହ୍ମଗିରି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଓ ସୁସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଗୁରୁବାର ମଥୁରାସ୍ଥିତ ନିଜସ୍ୱ ବାସଭବନରେ ପରଲୋକ ହୋଇଛି। ସେ ତାଙ୍କ ଜୀବନ କାଳରେ ୩ଟି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଛାତ୍ର ସମାଜରେ ବେଶ୍ ଆଦରଣୀୟ ହୋଇପାରିଥିଲେ। ଶିକ୍ଷକତା ଜୀବନରୁ ଅବସର ନେବା ପରେ ଛାତ୍ରୀଛାତ୍ରଙ୍କ ଜ୍ଞାନର ବିକାଶ ପାଇଁ ସେ ଅନେକ ବହି ରଚନା କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ଏଥିସହ ସେ ସମାଜ ସଂସ୍କାର କ୍ଷେତ୍ରରେ ଅନେକ କାର୍ଯ୍ୟକରି ସ୍ଥାନୀୟ ଲୋକଙ୍କ ହୃଦୟ ଜିତିଥିବାରୁ ତାଙ୍କ ବିୟୋଗରେ ବ୍ରହ୍ମଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସମ୍ବିଧାନ ପ୍ରତି ନାଗରିକଙ୍କ ଦାୟିତ୍ୱ ଉପରେ ଆଲୋଚନା

ପୁରୀ ଅଫିସ, ୨୬।୧୧

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ ପୁରୀ ତରଫରୁ ସମ୍ବିଧାନ ଦିବସ ସଂସ୍ଥାନର କାର୍ଯ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ସାମାଜିକ କର୍ମୀ ଜଗନ୍ନାଥ ସାହୁ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବିଧାନର ମୁଖବନ୍ଧ ସତ୍ୟପାଠ କରିବା ସହ ସମ୍ବିଧାନରେ ଲିପିବଦ୍ଧ ଥିବା ନାଗରିକମାନଙ୍କର ମୌଳିକ ଅଧିକାର ଓ ଦେଶପ୍ରତି ନାଗରିକଙ୍କ ଥିବା ମୌଳିକ ଦାୟିତ୍ୱବୋଧ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର ସ୍ୱାଗତ ଅଭିଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସହ କାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର କର୍ମଚାରୀ ଜ୍ୟୋତିରଞ୍ଜନ ସାହୁ, ସତ୍ୟଜିତ ପ୍ରଧାନ, ଶ୍ରୀଧର କୁମାର ଦାସ ଓ ବାଦଲ ପରିଡା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନର ୫୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ।

# 'ଔଷଧ ପ୍ରସ୍ତୁତ କ୍ଷେତ୍ରରେ ବିଶ୍ୱରେ ଭାରତ ୩ୟ'

ପୁରୀ ଅଫିସ, ୨୬।୧୧

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟରେ ୬୧ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ 'ଇଣ୍ଡିଆ-ଫାର୍ମାସୀ ଅଫ୍ ଦି ୱାର୍ଲ୍ଡ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରକୁ କଲେଜର ଚେୟାରପର୍ସନ ଅନିମା ମିଶ୍ର ଏବଂ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଉଦ୍‌ଘାଟନ କରିବା ସହିତ ସମ୍ପ୍ରତି ଔଷଧ ପ୍ରସ୍ତୁତ କ୍ଷେତ୍ରରେ ଭାରତ ବିଶ୍ୱରେ କିପରି ନିଜର ଆଧିପତ୍ୟ ବିସ୍ତାର କରିପାରିଛି ଓ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି ତାହା ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ନିକୁଞ୍ଜ କିଶୋର ମିଶ୍ର ଯୋଗଦେଇ ଫାର୍ମାସୀ ଛାତ୍ରୀଛାତ୍ରଙ୍କୁ ସେବା ମନୋବୃତ୍ତି ନେଇ ଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଏବେ ଭାରତ ବିଶ୍ୱରେ ଔଷଧ ପ୍ରସ୍ତୁତ କ୍ଷେତ୍ରରେ ୩ୟ ସ୍ଥାନ ଅଧିକାର କରିପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସିଦ୍ଧେଶ୍ୱର ପାଢୀଯୋଶୀ ପରିଚାଳନା କରିଥିଲେ। ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ମହାବିଦ୍ୟାଳୟ ପ୍ରାଙ୍ଗଣରୁ ବାହାରି ନାଗାପାଟଣା, ରାମେଶ୍ୱର ପାଟଣା ଓ ବାଲିପାଟଣା ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ଦେବଦାସ ପାଣିଗ୍ରାହୀ, ଭକ୍ତବନ୍ଧୁ ଜେନା ଏବଂ ଅସିତ୍ କୁମାର ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ।

# ତାଲୁକ ଆଇନସେବା କମିଟି ପକ୍ଷରୁ ସମ୍ବିଧାନ ଦିବସ

ନିମାପଡ଼ା, ୨୬।୧୧(ଡି.ଏନ୍.ଏ.)

ନିମାପଡ଼ା କୋର୍ଟ ତାଲୁକ ଆଇନସେବା କମିଟି ପକ୍ଷରୁ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ଓ ଆଇନ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅତିଥି ଭାବେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଯୋଗଦେଇ ଭାରତର ସମ୍ବିଧାନ ଓ ଆଇନର ବିଭିନ୍ନ ଦିଗ, ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ନିମାପଡ଼ା ବାର୍ ଆସୋସିଏଶନ, ଜୁଡିସିଆଲ ବାର୍ ଆସୋସିଏଶନ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ଗଙ୍ଗାଧର ନାୟକ, ପ୍ରଭାତ ବେହେରା, ଦିଲ୍ଲୀପ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ପ୍ରତାପ କେଶରୀ ମହାନ୍ତି, ଦେବରାଜ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ, ସିଭିଲ କୋର୍ଟ କର୍ମଚାରୀ, ନିମାପଡ଼ା କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ।




ସମ୍ବିଧାନ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ ଉଦ୍‌ଘାଟିତ





ଝାଡ଼େଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ବାଳିକା ଓ ବାଳକଙ୍କ ଖେଳ ଚାଲିଛି।

## ବାଳିକା, ବାଳକ ବର୍ଗରେ ପ୍ରତିଯୋଗିତା

ପୁରୀ ଅଫିସ, ୨୬।୧୧

ଝାଡ଼େଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ୨୮ତମ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପ୍ରତିଯୋଗିତା ଉଭୟ ବାଳକ ଓ ବାଳିକା ବର୍ଗରେ ଶନିବାର ସ୍ଥାନୀୟ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ଉଦ୍‌ଘାଟିତ ହୋଇଯାଇଛି। ବାଳକ ବର୍ଗରେ ରାଜ୍ୟର ୧୬ଟି ଦଳ ଭାଗ ନେଇଥିବା ବେଳେ ବାଳିକା ବିଭାଗରେ ୮ଟି ଦଳ ଭାଗ ନେଇଛନ୍ତି। ବାଳକ ବିଭାଗରେ ୪ଟି ଗ୍ରୁପ କରାଯାଇଥିବା ବେଳେ ବାଳିକା ବିଭାଗରେ ଦୁଇଟି ଗ୍ରୁପ କରାଯାଇଛି। ବାଳକ ବିଭାଗର ପ୍ରଥମ ମ୍ୟାଚ ଯାଜପୁର ଓ ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୨୫-୯ ପଏଣ୍ଟରେ ମୟୂରଭଞ୍ଜକୁ ହରାଇ ଯାଜପୁର ବିଜୟୀ ହୋଇଥିଲା। ସେହିପରି ବାଳିକା ବିଭାଗରେ ପ୍ରଥମ ମ୍ୟାଚ ଯାଜପୁର ଓ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜଗତ୍‌ସିଂହପୁର ୧୦-୫ ପଏଣ୍ଟ ବ୍ୟବଧାନରେ ଯାଜପୁରକୁ ହରାଇଥିଲା। ପରେ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଦଳଙ୍କ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ବାଳକ ବିଭାଗରେ ସେମିଫାଇନାଲ ପାଇଁ ୪ଟି ଦଳ ଯଥା କେନ୍ଦୁଝର, ଭୁବନେଶ୍ୱର, ଯାଜପୁର ଓ ଗଞ୍ଜାମ ଦଳ ଯୋଗ୍ୟତା ହାସଲ କରିଛନ୍ତି। ରବିବାର ସେମିଫାଇନାଲ ମ୍ୟାଚ୍‌ରେ କେନ୍ଦୁଝର ଭୁବନେଶ୍ୱରକୁ ଭେଟିବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଯାଜପୁର ଓ ଗଞ୍ଜାମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ବାଳିକାରେ କେନ୍ଦୁଝର, ଯାଜପୁର, ଜଗତ୍‌ସିଂହପୁର ଓ ଗଞ୍ଜାମ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ସେମିଫାଇନାଲ ମ୍ୟାଚ କେନ୍ଦୁଝର ଓ ଯାଜପୁର ମଧ୍ୟରେ ହେବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲ ଜଗତ୍‌ସିଂହପୁର ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ରବିବାର ଫାଇନାଲ ମ୍ୟାଚ ଖେଳାଯାଇ ପ୍ରତିଯୋଗିତାର ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

